# ୫୦୦ରୁ ୫୦୦ ନମ୍ବର ରଖିଲେ ଗୁଣୁପୁର ଝିଅ ଟିନା ରଥ

ଗୁଣୁପୁର,୧୬।୪(ସମିସ): ଗୁଣୁପୁର ସହରର ଡେରା ସାହିର ମୂଳବାସିନ୍ଦା ଟିନା ରଥ ସିବିଏସ୍‌ଇ ଦଶମ ପରୀକ୍ଷାରେ ଓଡ଼ିଶା ସମେତ ସାରା ଦେଶରେ ଟପ୍ପର୍ ହୋଇଛନ୍ତି । ଏହି ଅବସରରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି । ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜ ମଧ୍ୟ ତାଙ୍କ ସୋସିଏଲ୍ ମିଡିଆ ପେଜ୍‌ରେ ପୋଷ୍ଟ କରି ଟିନା ରଥ ଏବଂ ଅଲିଶା ବିଶ୍ୱଲଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଟିନାଙ୍କ ବାପା ସମୀର କୁମାର ରଥ ଓ ମା' ରେଣୁପ୍ରଭା ଦାଶ । ସେ ୫୦୦ରୁ ୫୦୦ ନମ୍ବର ରଖିଛନ୍ତି । ପାଠପଢା ସହିତ ଭାରତନାଟ୍ୟମ୍ ଭଳି ଶାସ୍ତ୍ରୀୟ




ନୃତ୍ୟରେ ସେ ବେଶ ପାରଙ୍ଗମ । ଜଣେ ଭଲ ଚିତ୍ରଶିଳ୍ପୀ ମଧ୍ୟ । ୮ ବର୍ଷ ବୟସରେ ତାଙ୍କର ଗୋଟିଏ ବହି ମଧ୍ୟ ଲୋକାର୍ପିତ ହୋଇଛି । ଭବିଷ୍ୟତରେ ହାର୍ଟ ସର୍ଜନ୍ ହେବାକୁ ସେ ଲକ୍ଷ୍ୟ ରଖିଛନ୍ତି । ଏହି ସଫଳତା ନେଇ ସେ କହିଛନ୍ତି, ସ୍ଥିର ହୋଇ ସବୁ ଦିନ କିଛି ପଢୁଥିଲି । କେବେ ଶ୍ରେଣୀରେ ଅନୁପସ୍ଥିତ ରହୁ ନଥିଲି । ମୋ ସ୍କୁଲ୍, ପରିବାର ଓ କୋଚିଂର ସହଯୋଗ ଯୋଗୁ ଶତ ପ୍ରତିଶତ ନମ୍ବର ରଖିଛି । ସବୁଦିନ ୫ରୁ ୬ ଘଣ୍ଟା ପଢୁଥିଲି । ପ୍ରତି ବିଷୟକୁ ପ୍ରତିଦିନ ପଢ଼ିବାକୁ ଚେଷ୍ଟା କରୁଥିଲି । ଟିନା ଏବେ ନିଟ୍ ପାଇଁ ପ୍ରସ୍ତୁତ ହେଉଛନ୍ତି ।



ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜଙ୍କ ଶୁଭେଚ୍ଛା

ଏମ୍ସ ଭୁବନେଶ୍ୱରରେ କିଭଳି ସିଟ୍ ମିଳିବ ସେ ନେଇ ପଢୁଛି ବୋଲି ତାଙ୍କ ପରିବାର ଲୋକେ କହିଛନ୍ତି । ପରେ ଏମ୍‌ବିବିଏସ୍‌ରେ ଶିକ୍ଷାଗ୍ରହଣ କରି କାର୍ଡିଓ ସର୍ଜନ୍ ହେବାକୁ ଲକ୍ଷ୍ୟ ରଖିଥିବା ସେ କହିଛନ୍ତି ।

● ଏବିପିଏସ୍ ଛାତ୍ରଛାତ୍ରୀଙ୍କ କୃତିତ୍ୱ

# ଶୁଭଶ୍ରୀ ଦାସ ୯୯.୪ ପ୍ରତିଶତ ରଖି ଜିଲ୍ଲା ଟପ୍ପର

ରାୟଗଡ଼ା,୧୬।୪ (ସମିସ): ଉତ୍କଳ ଆଲୁମିନା, ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ ଆଦିତ୍ୟ ବିର୍ଲା ଗ୍ରୁପର ସହଯୋଗୀ କମ୍ପାନୀ ଦ୍ୱାରା ପରିଚାଳିତ ଆଦିତ୍ୟ ବିର୍ଲା ପବ୍ଲିକ୍ ସ୍କୁଲ୍ (ଏବିପିଏସ୍), ରାୟଗଡ଼ା, ଦଶମ ବୋର୍ଡ ପରୀକ୍ଷରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି । ଦଶମ ସିବିଏସଇ ବୋର୍ଡ ପରୀକ୍ଷାରେ ଅନୁଷ୍ଠାନର ମୋଟ ୩୯ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ । ଶତ ପ୍ରତିଶତ ବିଦ୍ୟାର୍ଥୀ ଦଶମ ପରୀକ୍ଷାରେ ଭଲ ଅଙ୍କ ରଖି ଉତ୍ତୀର୍ଣ୍ଣ ହୋଇଥିବାବେଳେ ଏମାନଙ୍କ ମଧ୍ୟରୁ ୧୪ ଜଣ ଶିକ୍ଷାର୍ଥୀ ୯୦ ପ୍ରତିଶତଠାରୁ ଅଧିକ ନମ୍ବର ରଖିଛନ୍ତି । ରାୟଗଡ଼ା ଜିଲ୍ଲାରେ ସର୍ବାଧିକ ଅଙ୍କ ରଖି ଟପ୍ପର ହୋଇଛନ୍ତି କୁମାରୀ ସୁଭାଶ୍ରୀ ଦାଶ । ସେ ୯୯.୪ ପ୍ରତିଶତ ନମ୍ବର ରଖି ସ୍କୁଲ ପାଇଁ ଗୌରବ ଆଣିଛନ୍ତି । ଅନ୍ୟ ୧୪ ଜଣ ଛାତ୍ରଛାତ୍ରୀ ଡିଷ୍ଟିଙ୍କସନ୍ ଅର୍ଜନ କରିଥିବା ବେଳେ ୧୦ ଜଣ ପ୍ରଥମ ଶ୍ରେଣୀ ଏବଂ ଜଣେ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ଉତ୍କଳ ଆଲୁମିନା ୟୁନିଟ୍ ମୁଖ୍ୟ ରବି ନାରାୟଣ ମିଶ୍ର ଓ ମାନବ ସମ୍ବଳ ପ୍ରମୁଖ ନାରାୟଣ ମିତ୍ରା, ବିଦ୍ୟାଳୟର ପ୍ରତ୍ୟେକ ଶିକ୍ଷକଙ୍କ ଅକ୍ଳାନ୍ତ ପରିଶ୍ରମ, ନିଷ୍ଠାପୂର୍ଣ୍ଣ ପରାମର୍ଶ ଓ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ସେମାନଙ୍କ ଅଟଳ ପ୍ରୟାସ ପ୍ରତି ହୃଦୟଙ୍ଗମ କୃତଜ୍ଞତା ଜଣାଇଛନ୍ତି । ବିଦ୍ୟାଳୟ ପ୍ରିନ୍ସିପାଲ ଅନିରୁଦ୍ଧ ତିୱାରୀ ଛାତ୍ରଛାତ୍ରୀ ଓ ଅଭିଭବକଙ୍କୁ ଅଭିନନ୍ଦନ ଜଣାଇବା ସହ ଶିକ୍ଷକ ଶିକ୍ଷୟତ୍ରୀମାନଙ୍କ ଅବିରତ ପ୍ରୟାସକୁ ଧନ୍ୟବାଦ ଜଣାଇଛନ୍ତି ।




# 'ନାରୀ ଶକ୍ତି ବନ୍ଦନ ଉତ୍ସବ' କାର୍ଯ୍ୟକ୍ରମ

ନବରଙ୍ଗପୁର,୧୬।୪(ସମିସ): ଗୁରୁବାର ନବରଙ୍ଗପୁର ଜିଲ୍ଲାରେ ନାରୀ ଶକ୍ତି ବନ୍ଦନ ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏକ ବିଶାଳ ମହିଳା ଶୋଭା ଯାତ୍ରା ନବରଙ୍ଗପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ ଠାରୁ ଆରମ୍ଭ ହୋଇ ଅଭିନନ୍ଦନ କଲ୍ୟାଣମଣ୍ଡପ ଯାଇ ଅନୁଷ୍ଠିତ ସଭାରେ ଯୋଗ ଦେଇଥିଲେ । ଶୋଭାଯାତ୍ରାରେ ବିଧାୟକ ନବରଙ୍ଗପୁର ଗୌରୀ ଶଙ୍କର ମାଝୀ ଏବଂ ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁ ଉପସ୍ଥିତ ରହି ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଅଭିନନ୍ଦନ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ନାରୀ ଶକ୍ତି ବନ୍ଦନ କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବିଶିଷ୍ଟ ଅତିଥି ରୂପେ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଗୌରୀ ଶଙ୍କର ମାଝୀ ଏବଂ ସମ୍ମାନିତ ଅତିଥି ଭାବରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ବାସନ୍ତୀ ମାଝୀ, ରାଜ୍ୟ ନାରୀ ବନ୍ଦନ ସଂଯୋଜକ ଶର୍ମିଷ୍ଠା ଦେଓ, ମନୋରମା ମାଝି, ସମାଜ କଲ୍ୟାଣ ଅଧିକାରୀ ଦ୍ରୌପଦୀ କହଁର, ପ୍ରଭାତୀ ବିଷୋୟୀ ପ୍ରମୁଖ ଉପସ୍ଥିତ ଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ପ୍ରକଳ୍ପ ପ୍ରଶାସକ ଆଇଟିଡିଏ ରାଜୀବ ସାହୁ, ଡିଆଇପିଆରଓ ମନୋଜ ବେହେରା, ବିଡିଓ ନବରଙ୍ଗପୁର ସୁନିଲ ଖରା, ବିଡିଓ, କୋଷଗୁମୁଡ଼ା ଆଶିଷ ତ୍ରିପାଠୀ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସତ୍ୟନାରାୟଣ ପ୍ରଧାନ ଓ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ । ସଭାରେ ଜିଲ୍ଲାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟା, ମିଶନ ଶକ୍ତି ମହିଳା ଓ ଅନ୍ୟମାନେ ଉପସ୍ଥିତ ଥିଲେ ।

# ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା



ପଟାଙ୍ଗି,୧୬।୪(ସମିସ): କୋରାପୁଟ ଜିଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକାରୀ ଡ. ଭାଗବତ ମୁର୍ମୁଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଯାଇଛି । ସୂଚନା ଅନୁଯାୟୀ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଭାବେ ଦୀର୍ଘ ୧୦ ବର୍ଷ ଧରି ଦାୟିତ୍ୱରେ ରହିଥିବା ଡ. ମୁର୍ମୁ ସ୍ନାତକୋତ୍ତର ପାଠ୍ୟ ଅଧ୍ୟୟନ ନିମନ୍ତେ ବୁର୍ଲା ମେଡିକାଲ କଲେଜ ଯାଉଥିବା ଜଣାପଡିଛି । ଆୟୋଜିତ ସଭାରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପଟାଙ୍ଗିର ଅଧିକାରୀ ଡ. ଶାନ୍ତନୁ କୁମାର ରାଉତଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସିଡ଼ିଏମ୍‌ଓ ଡ. ଆର୍‌ଏନ୍ ମିଶ୍ର ଯୋଗ ଦେଇଥିଲେ । ଅନ୍ୟତମ ଅତିଥି ଭାବେ ଏଡିଏମ୍‌ଓ ନୀଳମାଧବ ଶତପଥୀ, ଏଡିପିଏଚଓ ଡ. ମୁକ୍ତିକାନ୍ତ ଖଟୁଆ, ଏଡିପିଏଚଓ ଡ. ସାଇ ସ୍ୱରୂପ, ପଟାଙ୍ଗି ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାମକୃଷ୍ଣ ନାୟକ, ତହସିଲଦାର ଦେବେନ୍ଦ୍ର ଧାରୁଆ ଏବଂ ପଟାଙ୍ଗି ଥାନା ଅଧିକାରୀ ପ୍ରଭାତ ବେହେରା ଯୋଗଦାନ କରିଥିଲେ ।

# ଉତ୍କଳ ଯାଦବ ମହାସଭାର ସିଜିମାଳି ଗସ୍ତ



ଟିକିରି,୧୬।୪ (ସମିସ): ରାୟଗଡ଼ା ଜିଲ୍ଲାରେ ଗତ କିଛି ଦିନ ହେଲା ସିଜିମାଳି ଖଣି ଖନନକୁ ନେଇ ଯେଉଁ ଉତ୍ତେଜନା ଓ ଆନ୍ଦୋଳନ ଦେଖାଦେଇଛି ସେ ନେଇ ଉତ୍କଳ ଯାଦବ ମହାସଂଘର ରାଜ୍ୟ ସଭାପତି ଆର୍ଶୀବାଦ ବେହେରା ଓ ରାଷ୍ଟ୍ରୀୟ ଯୁବ ଅଧ୍ୟକ୍ଷ ପ୍ରଦୀପ ଯାଦବଙ୍କ ନିର୍ଦ୍ଦେଶ କ୍ରମେ ଏକ ପ୍ରତିନିଧି ଦଳ ଉକ୍ତ ପ୍ରସ୍ତାବିତ ଖଣି ପ୍ରଭାବିତ ଅଞ୍ଚଳକୁ ଯାଇ ଲୋକଙ୍କ ସହ ଆଲୋଚନା କରିବା ସହ ଏହାର ସମାଧାନର ବାଟ କରିବାକୁ ପ୍ରସ୍ତାବ ଦେଇଛି । ସୂଚନା ମୁତାବକ ଗତ କିଛି ଦିନ ତଳେ ରାତି ଅଧରେ ପୋଲିସ କଣ୍ଟାମାଳ ଗାଁକୁ ଯାଇ ଯେଉଁ ପରିସ୍ଥିତି ଉପୁଜିଥିଲା ସେଥିରେ ଗ୍ରାମବାସୀଙ୍କ ଓ ପୋଲିସ ଆହତ ହୋଇଥିଲେ । ଏଭଳି ଘଟଣାକୁ ନିନ୍ଦା କରିବା ସହ ପୋଲିସ୍ ବଳ ରାତି ଅଧରେ କାହିଁକି ଗାଁକୁ ଯାଇଥିଲା, ଯଦି କାହାକୁ ଗିରଫ କରିବାର ଥିଲା ଦିନରେ କାହିଁକି କଲା ନାହିଁ ବୋଲି ପ୍ରଶ୍ନ ପଚାରିବା ସହ ଏହି ଜଙ୍ଗଲ ଜମି ଆଦିବାସୀ ତଥା ଏହି ଅଞ୍ଚଳରେ ବାସ କରୁଥିବା ଲୋକଙ୍କ ଜୀବନଜୀବିକାର ମୁଖ୍ୟସ୍ରୋତ ବୋଲି କୁହାଯାଇଥିଲା । ଏହାର ଆପୋଷ ବୁଝାମଣା ସହ ସାଧନ କରିବାକୁ ଜିଲ୍ଲାପ୍ରଶାସନ ଓ ସରକାରଙ୍କୁ ପ୍ରସ୍ତାବ ଦେବା ସହ ଉତ୍କଳ ଯାଦବ ମହାସଂଘ ସର୍ବଦା ଉକ୍ତ ଖଣି ପ୍ରଭାବିତ ଅଞ୍ଚଳବାସୀଙ୍କ ସମର୍ଥନ କରିବ ବୋଲି ଉତ୍କଳ ଯାଦବ ମହାସଂଘର ରାଜ୍ୟ ସାଧାରଣ ସମ୍ପାଦକ ଅମିତ ନାୟକ କହିଛନ୍ତି । ଆଗାମୀ ଦିନରେ ଯାଦବ ସମାଜର ଏକ ପ୍ରତିନିଧି ମଣ୍ଡଳ ଦିଲ୍ଲୀ ଗସ୍ତ କରି କେନ୍ଦ୍ର ପରିବେଶ ମନ୍ତ୍ରୀ ଭୂପିନ୍ଦର ଯାଦବଙ୍କୁ ଏକଦାବି ପତ୍ର ଦେବାକୁ ନିଷ୍ପତି ନିଆଯାଇଛି । ତାଙ୍କ ସହ କାଶୀପୁର ଉତ୍କଳ ଯାଦବ ମହାସଂଘର ସଭାପତି ଅମର ଗୋପାଳ, ସମ୍ପାଦକ ସୁରେନ୍ଦ୍ର ଗୌଡ଼ ସହ ଚନ୍ଦ୍ର ଗୋପାଳ, ଜଗୁ ଗୋପାଳ, ସୂରଜ ଗୋପାଳ, ମାନୁ ଗୌଡ଼ , ସୁଶାନ୍ତ ଗୌଡ଼, ଜଗନ୍ନାଥ ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ ।

# ଅଗ୍ନିଶମ ବିଭାଗର ସଚେତନତା କାର୍ଯ୍ୟକ୍ରମ

ଲମତାପୁଟ,୧୬।୪(ସମିସ): ଆଜି କୋରାପୁଟ ଜିଲ୍ଲା ଲମତାପୁଟ ମେଡିକାଲ, ଆଶା କିରନ, ସରସ୍ୱତୀ ଶିଶୁମନ୍ଦିର ଠାରେ ଲମତାପୁଟ ଅଗ୍ନିଶମ ବିଭାଗ ତରଫରୁ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଅଗ୍ନିଶମ ବିଭାଗ ତରଫରୁ ରୋଡ ସୋ କରାଯାଇଥିଲା । ଅଗ୍ନିଶମ ଅଧିକାରୀ ଉମେଶ ଚନ୍ଦ୍ର ବାଘଙ୍କ ସୂଚନା ଅନୁସାରେ ଓଡ଼ିଶା ଅଗ୍ନିଶମ ବିଭାଗ ତରଫରୁ ଏପ୍ରିଲ ୧୪ରୁ ଏପ୍ରିଲ ୨୦ ତାରିଖ ପର୍ଯ୍ୟନ୍ତ ପ୍ରତିବର୍ଷ ଅଗ୍ନିଶମ ସେବା ଓ ଶହୀଦ ଦିବସ ପାଳନ କରାଯାଉଛି ।୧୯୪୪ମସିହାରେମୁମ୍ବାଇରଏକସିପଭିକଟୋରିଆଠାରେଅଗ୍ନିକାଣ୍ଡଘଟିଥିଲା । ସେହି ଦୁର୍ଘଟଣାରେ ୬୫ ଜଣ ଲୋକ ମୃତ୍ୟୁବରଣ କରିଥିଲେ ଏବଂ ସେହି ଦୁର୍ଘଟଣାରେ ନିଜର ଜୀବନକୁ ବାଜି ଲଗାଇ ସହିଦ ହୋଇଥିବା ଅଗ୍ନି ଯୋଦ୍ଧାମାନଙ୍କୁ ମନେ ପକାଇବା ପାଇଁ ଏପ୍ରିଲ ୧୪ ରୁ ଏପ୍ରିଲ ୨୦ ତାରିଖ ପର୍ଯ୍ୟନ୍ତ ପ୍ରତିବର୍ଷ ଶହୀଦ ଦିବସ ପାଳନ କରାଯାଇଥାଏ ।

# ଅଗ୍ନିକାଣ୍ଡରେ ଘର ଭସ୍ମିଭୂତ

କୋଲନରା, ୧୬।୪(ସମିସ): ରାୟଗଡ଼ା ଜିଲ୍ଲା କୋଲନରା ବ୍ଲକ ଅନ୍ତର୍ଗତ ଭୁଜବଳ ଗ୍ରାମର ହରିଜନ ସାହିରେ ଆଜି ସକାଳ ପ୍ରାୟ ୯ଟା ସମୟରେ ଏକ ଭୟାବହ ଅଗ୍ନିକାଣ୍ଡ ଘଟି ବାବୁଲା ପାଲକା (୫୨) ଓ ଯମୁନା ପାଲକା (୪୫)ଙ୍କ ଘର ପୂରାପୁରି ପୋଡି ପାଉଁଶ ହୋଇଯାଇଛି । ସୂଚନା ଅନୁସାରେ, କୌଣସି କାରଣରୁ ବାବୁଲାଙ୍କ ଘର ଭିତରେ ଥିବା ରୋଷେଇ ଶାଳରେ ନିଆଁ ଲାଗିଯାଇଥିଲା । ନିଆଁ କିପରି ଲାଗିଲା ସ୍ପଷ୍ଟ କାରଣ ଜଣାପଡିନାହିଁ । ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଦୀର୍ଘ ସମୟର ପ୍ରୟାସ ପରେ ନିଆଁକୁ ଆୟତ୍ତ କରିଥିଲେ । ଅଗ୍ନିକାଣ୍ଡରେ ଘରେ ଥିବା ଫ୍ରିଜ୍, ମୋବାଇଲ, ପିଲାଙ୍କର ମୂଳ ସର୍ଟିଫିକେଟ ସହ ଅନ୍ୟାନ୍ୟ ଆବଶ୍ୟକ ଘରୋଇ ସାମଗ୍ରୀ ଉଭୟଙ୍କ ପୋଡିପାଉଁଶ ହୋଇଯାଇଛି । ତିନି ଲକ୍ଷ ଟଙ୍କାର କ୍ଷତି ଘଟିଥିବା ଅନୁମାନ କରାଯାଉଛି । କୋଲନରା ବ୍ଲକର ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ (ପିଇଓ) ଭେଣ୍ଡୁ ଘଟଣାସ୍ଥଳକୁ ପହଞ୍ଚି ପୀଡିତ ପରିବାରଙ୍କୁ ଭେଟି ଶାନ୍ତ୍ୱନା ଜଣାଇଥିଲେ । କ୍ଷତିଗ୍ରସ୍ତ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରିବାକୁ ଦାବି ହେଉଛି ।

# 'ଆମେ ଜାଣିବା ଆମ ବଜେଟ' କାର୍ଯ୍ୟକ୍ରମ

ରାୟଗଡ଼ା,୧୬।୪(ସମିସ): ରାୟଗଡ଼ା ବ୍ଲକ୍ ସଦ୍‌ଭାବନା ଗୃହରେ ବ୍ଲକ୍‌ସ୍ତରୀୟ 'ଆମେ ଜାଣିବା ଆମ ବଜେଟ'କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷା ସୁଶ୍ରୀ ଟୁନି ହୁଇକାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉପାଧ୍ୟକ୍ଷ ହର ପ୍ରାସାଦ ହେପୃକା, ବିଡିଓ ସୁଜିତ କୁମାର ମିଶ୍ର, ଏବିଡିଓ କାଳୁଚରଣ ନାୟକ, ଜିପିଡିଓ ସ୍ମୃତିରେଖା ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ । ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ପ୍ରାପ୍ତ ନିର୍ଦ୍ଦେଶ ଅନୁସାରେ ଓଡ଼ିଆ ପକ୍ଷରେ ଗ୍ରାମସଭା ଓ ପଲ୍ଲୀସଭା ମାଧ୍ୟମରେ ଗ୍ରାମ ପଞ୍ଚାୟତ ସ୍ତରରେ ଲୋକଙ୍କୁ ସଚେତନତା କରାଯାଇଥିବା ବେଳେ ବ୍ଲକ୍‌ସ୍ତରରେ ମଧ୍ୟ ବିଭିନ୍ନ ଯୋଜନା ମାଧ୍ୟମରେ ଗ୍ରାମୀଣ ସ୍ତରରୁ ବିକାଶ ନିମନ୍ତେ ସରକାରଙ୍କ ଦ୍ୱାରା ଯୋଜନା ୱାରି ଅର୍ଥ ବ୍ୟୟବରାଦର ତାଲିକା ଗୃହରେ ଉପସ୍ଥାପନ କରାଯାଇଥିଲା । ଜିପିଡିଓ ସ୍ମୃତିରେଖା ନାୟକ ଗୃହରେ ଏହାର ବିଶଦ ଉପସ୍ଥାପନ କରିଥିଲେ । ବିକାଶ ପାଇଁ ବିଭିନ୍ନ ଲୋକାଭିମୁଖୀ ଯୋଜନାର ଏହି ବଜେଟରେ ବ୍ୟବସ୍ଥା ଥିବାରୁ ଜନସାଧାରଣ ଏହାର ସୁଫଳ ପାଇବେ ବୋଲି ଅନୁମାନ କରାଯାଉଛି ।

■ ଜଳସେଚିତ ହେଉନି ଚାଷ ଜମି

# ରାସ୍କାହେଁଚା ଚେକ୍‌ଡ୍ୟାମ ମରାମତି ଦାବି



ରାୟଗଡ଼ା,୧୬।୪(ସମିସ): ବର୍ଷ ବର୍ଷ ଧରି ଚେକ୍‌ଡ୍ୟାମର ମରାମତି ଦାବି କରି ଆସୁଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ ଶଙ୍କରଡା ଗ୍ରାମପଞ୍ଚାୟତ ଅନ୍ତର୍ଗତ ବୋରିଗୁମ୍ମା ଗ୍ରାମରେ ତିନି ଦଶକ ପୂର୍ବରୁ ଆଇଫାର୍ଡ ଯୋଜନା ଜରିଆରେ ରାସ୍କାହେଁଚା ଚେକଡ୍ୟାମ ନିର୍ମାଣ କରାଯାଇଥିଲା । ଉକ୍ତ ଚେକଡ୍ୟାମରୁ ବୋରିଗୁମ୍ମା ସମେତ ଏହାର ଆଖପାଖ ଗ୍ରାମଗୁଡିକର ଚାଷ ଜମି ଜଳସେଚିତ ହୋଇ ପାରୁଥିଲା । ଯଦ୍ୱାରା ଚାଷୀମାନେ ବର୍ଷକୁ ଦୁଇଟି ଫସଲ କରି ନିଜର ପରିବାର ଭରଣପୋଷଣ କରିପାରୁଥିଲେ । ତେବେ ପରବର୍ତୀ ସମୟରେ ଉକ୍ତ ଚେକଡ୍ୟାମର ମରାମତି ଆବଶ୍ୟକ ପଡିବାରୁ ରାୟଗଡ଼ କ୍ଷୁଦ୍ର ସେଚନ ବିଭାଗ ଦ୍ୱାରା ଟେଣ୍ଡର ଆହ୍ୱାନ କରାଯାଇଥିଲା । ଆଲୋକ ମେହେର ନାମକ ଜଣେ ଠିକାଦାର ଉକ୍ତ କାର୍ଯ୍ୟାଦେଶ ପାଇ କାମ ଆରମ୍ଭ କରିଥିଲେ । କିନ୍ତୁ ତାହାକୁ ସମ୍ପୂର୍ଣ୍ଣ ନ କରି ଅଧାରେ ଛାଡି ଚାଲିଗଲେ । ଫଳରେ ଆଉ ଚେକଡ୍ୟାମର ମରାମତି କାମ ହୋଇପାରିଲା ନାହିଁ । ଚେକଡ୍ୟାମରୁ ମାଟି କେନାଲ ଯୋଗେ ଗାଁର ଚାଷଜମିକୁ ପାଣି ମାଡୁଥିବାରୁ ଗ୍ରାମବାସୀ ଉକ୍ତ ପାଣିକୁ ଅନ୍ୟାନ୍ୟ କାମରେ ମଧ୍ୟ ବ୍ୟବହାର କରୁଥିଲେ । ବର୍ତମାନ କେନାଲ ଭାଙ୍ଗିରୁଜି ଯାଇଥିବା ବେଳେ ଗାଁର ଚାଷଜମିକୁ ଆଉ ଜଳସେଚନ ହୋଇପାରୁ ନ ଥିବାରୁ ଗାଁର ଏକର ଏକର ଚାଷଜମି ଏବେ ପଡିଆ ପଡିଥିବା ନେଇ ଗ୍ରାମର ଅନେକ ଚାଷୀ ପରିବାର ଅଭିଯୋଗ କରିଛନ୍ତି । ଏନେଇ ରାୟଗଡ଼ା କ୍ଷୁଦ୍ର ଜଳସେଚନ ଅଧୀକ୍ଷଣ ଯନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅନେକ ଥର ଲିଖିତ ଅନୁରୋଧ ପତ୍ର ପ୍ରଦାନ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ଗ୍ରାମର ପରମେଶ୍ୱର ମାଝି, ଜାଗିଲି ମାଝି, ଝାଡୁ ମାଝି, ଅଗାଧୁ ମାଝି, ଚକଲ ମାଝି, ଶିବ ମାଝି ଓ ଅନ୍ୟମାନେ ପ୍ରକାଶ କରିଛନ୍ତି ।

# ଶିକ୍ଷକଙ୍କ ମାଡ଼ରେ ଛାତ୍ର ଗୁରୁତର

ମାଲକାନଗିରି,୧୬।୪(ସମିସ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ବାଲିମେଳା ସହରରେ ଥିବା ନବୋଦୟ ବିଦ୍ୟାଳୟ-୧ ଶିକ୍ଷକଙ୍କ ମାଡ଼ରେ ଜଣେ ଛାତ୍ର ଗୁରୁତର ଆହତ ହୋଇଥିବା ବେଳେ ୫/୭ ଛାତ୍ରଙ୍କୁ ନିଲମ୍ବନ କରାଯାଇଥିବା ସୂଚନା । ତେବେ ବାଲିମେଳା ନବୋଦୟ ବିଦ୍ୟାଳୟ -୧ର ଅଷ୍ଟମ ଶ୍ରେଣୀର ଛାତ୍ର ଶ୍ରେୟାଂଶ ଶେଖର ବେହେରାଙ୍କ ଅଭିଯୋଗ ଅନୁଯାୟୀ ସେ ହଷ୍ଟେଲରେ ରହି ପାଠ ପଢୁଛନ୍ତି । ଆଜି ଶ୍ରେୟାଂଶ ତାଙ୍କ ସହପାଠୀ ମାନଙ୍କ ମଧ୍ୟରେ କଥୋପକଥନ ବେଳେ କେହି ଜଣେ ଛାତ୍ର ଅସଭ୍ୟ ଭାଷା ପ୍ରୟୋଗକୁ ନେଇ ଶ୍ରେୟାଂଶ ସେ ଛାତ୍ର ଜଣଙ୍କୁ ଥଟାମଜାରେ ମାଡ଼ ମାରିଥିଲେ । ଏହାକୁ ନେଇ ଶିକ୍ଷକ ଜୟନନ୍ଦ ପ୍ରଧାନ ଛାତ୍ରଙ୍କୁ ନିର୍ଦ୍ଧୂମ ମାଡ଼ ମାରିଥିଲେ । ଫଳରେ ଛାତ୍ର ଶ୍ରେୟାଂଶଙ୍କ ଗୋଡ଼ରେ ନଳା ଫାଠି ରକ୍ତ ଜମାଟ ବାନ୍ଧି ଯାଇଥିବା କହିଛନ୍ତି । ଏହା ସହିତ କିଛି ଛାତ୍ରଙ୍କୁ ନିଲମ୍ବିତ କରାଯାଇଥିବା ସୂଚନା ମିଳିଛି । ଛାତ୍ରଙ୍କ ମାଆଙ୍କ କହିବାନୁଯାୟୀ ପୁଅର ପ୍ରାଥମିକ ଚିକିତ୍ସା କରାଯାଇଛି ।

# ସୁଭଦ୍ରା ଶକ୍ତି ମହିଳା ସଶକ୍ତୀକରଣ ସଚେତନତା ପଦଯାତ୍ରା

ମାଲକାନଗିରି,୧୬।୪(ସମିସ): ମାଲକାନଗିରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ସଂସ୍କୃତି ଭବନ ପର୍ଯ୍ୟନ୍ତ ଏକ ବିଶାଳ ସୁଭଦ୍ରା ଶକ୍ତି ମହିଳା ସଶକ୍ତିକରଣ ସଚେତନତା ପଦଯାତ୍ରା ଆଜି ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ସାମାଜିକ ପରିବର୍ତ୍ତନ ଏବଂ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ଲକ୍ଷ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସମାରୀ ତାଙ୍ଗୁଲୁ ଓ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ଶୁଭାରମ୍ଭ କରିଥିଲେ । ପଦଯାତ୍ରା ଶେଷ ହେବା ପରେ ସଂସ୍କୃତି ଭବନଠାରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । ଯେଉଁଠାରେ ଜିଲ୍ଲାପାଳ ଏବଂ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଉପସ୍ଥିତ ମହିଳାମାନଙ୍କୁ ଉଦ୍‌ବୋଧନ ଦେଇଥିଲେ । ଏହି ଅବସରରେ ଜିଲ୍ଲାପାଳ ନାରୀ ଶକ୍ତିର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ସେହିପରି ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ତାଙ୍ଗୁଲୁ ମହିଳାମାନଙ୍କ ସହଯୋଗକୁ ପ୍ରଶଂସା କରି କହିଥିଲେ । କାର୍ଯ୍ୟକ୍ରମରେ ଉପ-ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଗୌରୀ ନାୟକ ଏବଂ ଓଡ଼ିଶା ଜୀବିକା ମିଶନର ଜିଲ୍ଲା ପ୍ରକଳ୍ପ ସଂଯୋଜକ ହର୍ଷାନନ୍ଦ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ମହିଳାମାନଙ୍କୁ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ସଚେତନ କରିଥିଲେ । ପଦଯାତ୍ରା ଏବଂ ପରବର୍ତ୍ତୀ ସଭା ସମୟରେ ମହିଳାମାନଙ୍କ ମଧ୍ୟରେ ଅଭୂତପୂର୍ବ ଉତ୍ସାହ ଦେଖିବାକୁ ମିଳିଥିଲା ।

# ସାମ୍ବାଦିକ କୃଷ୍ଣକାନ୍ତଙ୍କ ବିୟୋଗରେ ଶୋକସଭା

ରାୟଗଡ଼ା,୧୬।୪ (ସମିସ): ରାୟଗଡ ପ୍ରେସ କ୍ଲବର ଉପଦେଷ୍ଟା ବରିଷ୍ଠ ସଦସ୍ୟ ସାମ୍ବାଦିକ କୃଷ୍ଣକାନ୍ତ ଜେନାଙ୍କ ବିୟୋଗରେ ଆଜି ଏକ ଶୋକସଭା ଅନୁଷ୍ଠିତ ହୋଇଛି । ସଭାପତି ସଂଗ୍ରାମ କେଶରୀ ପଟନାୟକଙ୍କ ଅଧ୍ୟକ୍ଷତାରେ ପ୍ରେସକ୍ଲବ ପରିସରରେ ଶ୍ରଦ୍ଧାଞ୍ଜଳି ସଭାର ଆୟୋଜନ କରାଯାଇଥିଲା । କ୍ଲବର ସଦସ୍ୟମାନେ ତାଙ୍କ ଫଟୋ ଚିତ୍ରରେ ପୁଷ୍ପ ଦେଇ ତାଙ୍କର ଆତ୍ମାର ସଦଗତି କାମନା କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସ୍ୱର୍ଗତ ଜେନା ରାୟଗଡା ପ୍ରେସ କ୍ଲବର ପ୍ରତିଷ୍ଠାତା ସଭ୍ୟ ହୋଇଥିବା ବେଳେ କ୍ଲବର ବିଭିନ୍ନ ପଦବୀରେ ରହି ନିଜ ଦାୟିତ୍ୱକୁ ସୁଚାରୁ ରୂପେ ତୁଲେଇ ଆସୁଥିଲେ । ଶୋକସଭାରେ କ୍ଲବର ସାଧାରଣ ସମ୍ପାଦକ ୱାଇ. ଦାମୋଦର, କୋଷାଧ୍ୟକ୍ଷ ସିମାଞ୍ଚଳ ପଣ୍ଡା, ସଂଗଠନ ସମ୍ପାଦକ ସୁଶାନ୍ତ ପ୍ରଧାନ, ସହ ସମ୍ପାଦକ ସୁଶାନ୍ତ ଦାସ, ବରିଷ୍ଠ ସଭ୍ୟ ଯୋଗେଶ୍ୱର ଦାସ, ଗୋପରଞ୍ଜନ ବକ୍ସିପାତ୍ର, ଗୋପାଳସିଂ ଅଧିକାରୀ, ସନ୍ତୋଷ ସାହୁ, ଆଶିଷ ରଞ୍ଜନ ପଣ୍ଡା, କେ. ନିତିନ ଚୌଧୁରୀ, ବାଳକୃଷ୍ଣ ପଟ୍ଟନାୟକ ଓ ବି. ଶ୍ରୀନିବାସ ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ ।



# ସାପ କାମୁଡ଼ାରେ ଛାତ୍ରୀର ମୃତ୍ୟୁ

ରାମନାଗୁଡ଼ା,୧୬।୪(ସମିସ): ରାୟଗଡ଼ା ଜିଲ୍ଲା ରାମନାଗୁଡ଼ା ବ୍ଲକ ଅନ୍ତର୍ଗତ କୁଜେନ୍ଦ୍ରି ଗ୍ରାମରେ ଅବସ୍ଥାପିତ "ସଂଗ୍ରାମୀ ବିଶ୍ୱନାଥ ପଟ୍ଟନାୟକ ବାଇରୁ ଗମାଙ୍ଗ ଶିଶୁ ସଦନ କନ୍ୟାଶ୍ରମ"ରେ ରହି ପାଠ ପଢୁଥିବା ଜଣେ ଛାତ୍ରୀଙ୍କର ସାପ କାମୁଡାରେ ମୃତ୍ୟୁ ଘଟିଛି । ବର୍ତ୍ତମାନ ଛୁଟି ଥିବାରୁ ଛାତ୍ରୀ ଜଣଙ୍କ ରାମନାଗୁଡ଼ା ବ୍ଲକ ଅନ୍ତର୍ଗତ ନିଜ ଗ୍ରାମ ଶୁଣ୍ଡୀ ଡାମୁଣି ନିଜ ଘରକୁ ଯାଇଥିଲେ । ସାପ କାମୁଡ଼ିଥିବା ଜାଣି ତାଙ୍କ ବାପା ତ୍ରିପତି ମେଲକା ତୁରନ୍ତ ଝିଅକୁ ଧରି ରାମନାଗୁଡ଼ା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣି ଚିକିତ୍ସା କରାଇଥିଲେ । ଚିକିତ୍ସାଧୀନ ଅବସ୍ଥାରେ ଡିମ୍ପଲଙ୍କ ମୃତ୍ୟୁ ହୋଇଥିବା ଡାକ୍ତର କହିଛନ୍ତି । ମୃତ ଛାତ୍ରୀ ଜଣକ ଡିମ୍ପଲ ମେଲକା ବୋଲି ଜଣାପଡିଛି । ସରକାରୀ ନିୟମ ପ୍ରକାରେ ଆର୍ଥିକ ସହାୟତା ଯୋଗାଇ ଦିଆଯିବ ବୋଲି ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ ପ୍ରକାଶ କରିଛନ୍ତି ।

କଣ୍ଟାମାଳ ଓ ଶାଗବାରି ଘଟଣା

# ଜିଲ୍ଲା ଡମ ସମାଜ ପକ୍ଷରୁ ଦାବିପତ୍ର ପ୍ରଦାନ

ରାୟଗଡ଼ା,୧୬।୪(ସମିସ): ରାୟଗଡ଼ା ଜିଲ୍ଲା ଡମ୍ ସମାଜର ଏକ ପ୍ରତିନିଧି ଦଳ ସଭାପତି ଧନୀରାମ ନାଏକଙ୍କ ନେତୃତ୍ୱରେ ବହୁ ଚର୍ଚିତ ସିଜିମାଳି ଅଞ୍ଚଳର କଣ୍ଟାମାଳ ଓ ସାଗବାରି ଘଟଣା ସମ୍ପର୍କରେ ରାୟଗଡ଼ ଜିଲ୍ଲାପାଳଙ୍କୁ ଭେଟି ଆଲୋଚନା ଓ ସ୍ମାରକପତ୍ର ପ୍ରଦାନ କରିବାକୁ ଯାଇଥିଲେ । ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ନବୀନ ନାୟକଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଜିଲ୍ଲାପାଳଙ୍କ ଜରିଆରେ ରାଷ୍ଟ୍ରପତି, ଓଡ଼ିଶା ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଖଣି ମନ୍ତ୍ରୀ ଓ ଖଣି ନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି । ଆଲୋଚନା ସମୟରେ ଡମ୍ ସମାଜର ପ୍ରତିନିଧି ମାନେ ଗ୍ରାମବାସୀଙ୍କ ଉପରେ ପୋଲିସର ବର୍ବରତ ମଧ୍ୟରେ ଖଣ୍ଡ ଯୁଦ୍ଧ ଭଳି ଅମାନବୀୟ , ଅମାନୁସଙ୍ଗିକ ଘଟଣା ଉପରେ ଦୁଃଖ ପ୍ରକାଶ କରିଥିଲେ । ସିଜିମାଳି ଅଞ୍ଚଳ ର କଣ୍ଟାମାଳ , ବନ୍ତେଜି ଓ ଶାଗବାରି ଗ୍ରାମର ଗ୍ରାମବାସୀଙ୍କ ବୟାନ ଓ ସେ ଅଞ୍ଚଳର ବିଭିନ୍ନ ତଥ୍ୟ ପରିସ୍ଥିତିକୁ ଆଧାର କରି ରାୟଗଡ଼ା ଡମ୍ ସମାଜ ଦ୍ୱାରା ପ୍ରସ୍ତୁତ ରିପୋର୍ଟ ଉପରେ ଆଲୋଚନା ହୋଇଥିଲା । ସେ ଗାଁ ମାନଙ୍କର ଡମ୍ ପରିବାର ମାନେ ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଛନ୍ତି । ଘଟଣା ଦିନ ଅନେକଗୁଡ଼ିଏ ଗାଡ଼ି ଘର ଭାଙ୍ଗି ଯିବାର ମଧ୍ୟ ସେମାନେ ବୟାନ ଦେଇଛନ୍ତି । ଅନେକ ଡମ୍ ସଂପ୍ରଦାୟର ଲୋକ ଓ ଆଦିବାସୀ ଭାଇ ମାନେ ଜେଲ୍ ଯାଇଛନ୍ତି । ଉଭୟ ସଂପ୍ରଦାୟର ଅନେକ ଲୋକ ଦୀର୍ଘ ଦିନ ଧରି ଭବାନୀପାଟଣା ଓ ରାୟଗଡ଼ ଜେଲରେ ରହିବା ପରେ ଏବେ ଜେଲରୁ ମୁକ୍ତ ହୋଇଛନ୍ତି । ଡ୍ରୋନ୍ କ୍ୟାମେରା ଉଡ଼ିବା ଯୋଗୁଁ ମାଆ , ଭଉଣୀ ନଦୀ ନାଳକୁ ଯାଇ ପାରୁନାହାନ୍ତି । ଡମ୍ ସମାଜକୁ ଶିଜିମାଳି ଅଞ୍ଚଳର ଲୋକ ଏକ ଲିଖିତ ଦସ୍ତାବେଜ ପ୍ରଦାନ କରିଛନ୍ତି । ଯେଉଁଥିରେ ସେମାନେ ପ୍ରଶାସନ ଦ୍ୱାରା ଅନେକ ଅନ୍ୟାୟ ପୂର୍ଣ୍ଣ ନିର୍ଣ୍ଣୟ, ଅସାମ୍ବିଧାନିକ ନିର୍ଣ୍ଣୟ ଗୁଡ଼ିକୁ ଉଲ୍ଲେଖ କରିଛନ୍ତି । ଏସବୁ ତଥ୍ୟକୁ ଆଧାର କରି ଓ ଜିଲ୍ଲା ଡମ୍ ସମାଜ ଦ୍ୱାରା ଗତ ୧୧ ତାରିଖରେ ସିଜିମାଳି ଅଞ୍ଚଳ ଗସ୍ତ ଓ ତଥ୍ୟ ସଂଗ୍ରହକୁ ଭିତ୍ତି କରି ଜିଲ୍ଲା ଡମ୍ ସମାଜ ଏକ ବିସ୍ତୃତ ରିପୋର୍ଟ ପ୍ରସ୍ତୁତ କରି ଆଜି ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି । ଅଞ୍ଚଳବାସୀଙ୍କ ଭାବନାକୁ ସମ୍ମାନ ଓ ଅଗ୍ରାଧିକାର ଏବଂ ପୂର୍ବ ଗ୍ରାମ ସଭାକୁ ବାତିଲ କରି ପୁନଃ ଗ୍ରାମସଭାର ବିଚାର କରିବାକୁ ଜିଲ୍ଲା ଡମ୍ ସମାଜ ଜିଲ୍ଲାପାଳଙ୍କୁ ଦାବିପତ୍ରରେ ଅନୁରୋଧ କରିଛନ୍ତି ।



● ଏମ୍‌ଭି ୨୬ ହିଂସାକାଣ୍ଡରେ ପୀଡିତଙ୍କୁ ଉଚିତ କ୍ଷତିପୂରଣ ମିଳିନି

# ପୁଣି ପ୍ରଶାସନର ଦ୍ୱାରସ୍ଥ ହେଲେ ଲୋକେ



ମାଲକାନଗିରି,୧୬ ।୪(ସମିସ):

ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ଥାନା ଅନ୍ତର୍ଗତ ଏମଭି ୨୬ ଅଞ୍ଚଳରେ ଗତ ଡିସେମ୍ବର ୭ ଓ ୮ ତାରିଖରେ ଏକ ବଡ ଧରଣର ହିଂସାକାଣ୍ଡ ଘଟିଥିଲା । ଏଥିରେ ଏମଭି ୨୬ ଗ୍ରାମର ଶତାଧିକ ଘର ଜଳିଯାଇ ଓ ଭଙ୍ଗା ରୁଜା ହୋଇ ନଷ୍ଟ ହୋଇଥିଲା । ଅନେକ ପରିବାର ଏଥିରେ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଥିଲେ । ଏହି ହିଂସାକାଣ୍ଡରେ ସରକାରୀ ସ୍ତରରେ କ୍ଷତିପୂରଣ ବଣ୍ଟନକୁ ନେଇ ପୂର୍ବରୁ କ୍ଷତିଗ୍ରସ୍ତ ପରିବାର ନାନା ଅଭିଯୋଗ ଆଣିଥିଲେ । କ୍ଷତିପୂରଣ ପ୍ରଦାନରେ ଅନିୟମିତତା ହୋଇଥିବା ଅଭିଯୋଗ ପୂର୍ବରୁ ହୋଇଥିବା ବେଳେ ଏହାକୁ ନେଇ ପୁଣିଥରେ ଅସନ୍ତୋଷ ଜାହିର କରିଛନ୍ତି ସ୍ଥାନୀୟ ଅଞ୍ଚଳର ଅନେକ ପୀଡିତ ପରିବାର । ଏହି ପ୍ରଭାବିତ ପରିବାର ଆଜି ପୁନଃ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି କ୍ଷୋଭ ପ୍ରକାଶ କରିବା ସହ ପ୍ରତିବାଦ କରିଛନ୍ତି । ପ୍ରତିବାଦକାରୀ ମାନଙ୍କ ଅଭିଯୋଗ ଅନୁଯାୟୀ, ଅନେକ ପ୍ରକୃତ କ୍ଷତିଗ୍ରସ୍ତ ପରିବାରଙ୍କ ନାମ ସରକାରୀ ତାଲିକାରେ ନାହିଁ । ଏହାସହ କେତେକ ଲୋକଙ୍କ ପାଇଁ ଆସିଥିବା ସହାୟତା ଅର୍ଥ ଭୁଲ୍ ଆକାଉଣ୍ଟକୁ ପ୍ରେରଣ ହୋଇଥିବା ମଧ୍ୟ ଅଭିଯୋଗ ହୋଇଛି । ସେମାନେ ଆହୁରି ମଧ୍ୟ ପ୍ରକାଶ କରିଛନ୍ତି ଯେ, ପ୍ରକୃତ ହିତାଧିକାରୀମାନେ ଅତ୍ୟନ୍ତ କମ୍ ସହାୟତା ପାଇଥିବା ବେଳେ ଗ୍ରାମ ବାହାରେ ରହୁଥିବା କେତେକ ଲୋକ ବେଶି ପରିମାଣର ଅର୍ଥ ପାଇଛନ୍ତି । ସର୍ଭେ ସମୟରେ ରାଜସ୍ୱ ନିରୀକ୍ଷକଙ୍କ ତରଫରୁ ଭୁଲ୍ ତଥ୍ୟ ଦାଖଲ ହେବା ଫଳରେ ଏପରି ଅନିୟମିତତା ଘଟିଥିବା ଅଭିଯୋଗ କରାଯାଇଛି । ଅନେକ କ୍ଷତିଗ୍ରସ୍ତ ପରିବାରଙ୍କୁ ବର୍ତ୍ତମାନ ସୁଦ୍ଧା ଏକ ଟଙ୍କା ମିଳି ନଥିବା ବେଳେ କିପରି ସାମାନ୍ୟ କ୍ଷତିଗ୍ରସ୍ତ ଓ ଗ୍ରାମ ବାହାରେ ରହୁଥିବା କିଛି ପରିବାରକୁ ଲକ୍ଷ ଲକ୍ଷ ଟଙ୍କାର ସହାୟତା ଦିଆଗଲା ବୋଲି ପ୍ରଶ୍ନ ମଧ୍ୟ କରାଯାଇଛି । ପ୍ରଭାବିତ ଲୋକମାନେ ପୁଣିଥରେ ସଠିକ୍ ସର୍ଭେ କରି ସମସ୍ତ ପ୍ରକୃତ କ୍ଷତିଗ୍ରସ୍ତଙ୍କୁ ଯଥୋଚିତ କ୍ଷତିପୂରଣ ଦେବାକୁ ଦାବି କରିଛନ୍ତି । ଏହି ଘଟଣା ଜିଲ୍ଲା ପ୍ରଶାସନର କାର୍ଯ୍ୟପ୍ରଣାଳୀ ଉପରେ ପ୍ରଶ୍ନ ଉଠାଇଥିବା ବେଳେ ଶୀଘ୍ର ସମାଧାନ ନ ହେଲେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ସତର୍କ କରାଇଛନ୍ତି । ପ୍ରଶାସନ ପକ୍ଷରୁ ଲୋକଙ୍କୁ ବୁଝା ସୁଝା କରିବା ସହ ଅଭିଯୋଗ ଗୁଡିକର ତଦନ୍ତ କରି ଯଥା ଶୀଘ୍ର ପଦକ୍ଷେପ ନିଆଯିବ ବୋଲି କୁହାଯାଇଛି ।

# ଛାତ୍ର ନକୁଳର ସାହାରା ହେଲେ ଡିଇଓ, ବିଇଓ



ମାଥିଲି,୧୬ ।୪(ସମିସ): ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଅନ୍ତର୍ଗତ ନୁଆଗୁଡ଼ା ବ୍ଲକ କଲୋନୀ ପ୍ରାଥମିକ ବିଦ୍ୟାଳୟରେ ଅଧ୍ୟୟନରତ ଅନାଥ ଛାତ୍ର ନକୁଳ ମାଢ଼ିକୁ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ ଓ ବ୍ଲକ ଶିକ୍ଷା ଅଧିକାରୀ ସୁମିତ ବିଶ୍ୱାସ ଉଭୟ ଦୁଇ ଅଧିକାରୀ ଆଜି ନୁଆଗୁଡା ପ୍ରାଥମିକ ବିଦ୍ୟାଳୟ ଗ୍ରସ୍ତରେ ଆସି ଅନାଥ ଛାତ୍ର ନକୁଳ ମାଢ଼ିକୁ ସାକ୍ଷାତ କରିଥିଲେ । ଏହି ସାକ୍ଷାତ ସମୟରେ ନକୁଳର ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ । ଜାଣିବାକୁ ପାଇଥିଲେ କି ନକୁଳର ନିଜ ଘର ମାଲକାନଗିରି ସଦର ବ୍ଲକ୍ ସିନ୍ଧ୍ରୀମାଳ ପଞ୍ଚାୟତ ଅନ୍ତର୍ଗତ ସିମାଗୁଡ଼ି ଗ୍ରାମରେ ।ପିତା ଜୟସିଂହଙ୍କ ଅକାଳ ବିୟୋଗ ପରେ ନକୁଳର ମା ଶୁକ୍ରି ମାଢ଼ି ମାନସିକ ଭାରସାମ୍ୟ ହରାଇ ନକୁଳକୁ ଛାଡ଼ି କେଉଁ ଆଡେ ଚାଲିଯାଇଛନ୍ତି । ନକୁଳ ଏକାକୀ ହେବା ପରେ ମାମୁଁ ଘର ମାଥିଲି ବ୍ଲକ ଚମ୍ପାଝରଣ ଗ୍ରାମର ମାମୁଁ ସନିଆ ପୁଜାରୀ ଭଣଜାକୁ ଆଣି ନିଜ ପାଖରେ ରଖିଥିଲେ । କିଛି ଦିନ ରଖିବା ପରେ ମାଥିଲି ସଦର ପଞ୍ଚାୟତ ନୂଆଗୁଡ଼ା ପ୍ରାଥମିକ ବିଦ୍ୟାଳୟରେ ନାମ ଲେଖାଇ ପାଠ ପଢ଼ାଉ ଥିଲେ ମାମୁଁ । ହେଲେ ନକୁଳର ଆଧାର କାର୍ଡ କୌଣସି କାରଣରୁ ହୋଇ ନ ପାରିବା ନେଇ ଦ୍ୱନ୍ଦ୍ୱ ଉପୁଜିଛି ଥିଲା । ଏହି ଖବର ମାଥିଲି ବ୍ଲକ ଶିକ୍ଷା ଅଧିକାରୀ ସୁମିତ ବିଶ୍ୱାସ ଜାଣିବା ପରେ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ପାଣିଗ୍ରାହୀଙ୍କୁ ଅବଗତ କରାଇ ଥିଲେ । ଆଜି ଉଭୟ ଅଧିକାରୀ ପରେ ଚମ୍ପାଝରଣ ଗ୍ରାମକୁ ଯାଇ ନକୁଳର ମାମୁଁ ସନିଆ ପୁଜାରୀଙ୍କୁ ସାକ୍ଷାତ କରି ସବିଶେଷ ବିବରଣୀ ଜାଣିଥିଲେ । ନକୁଳର ପାଠ ପଢ଼ିବା ବ୍ୟବସ୍ଥା ଜିଲ୍ଲା ପ୍ରଶାସନ ପକ୍ଷରୁ ମାମୁଁଙ୍କୁ ପ୍ରସ୍ତାବ ଦେଇଥିଲେ । ମାମୁଁ ସନିଆ ଏହି ପ୍ରସ୍ତାବକୁ ଗ୍ରହଣ କରିଥିଲେ । ଆସନ୍ତା ଶୁକ୍ରବାର ଦିନ ସନିଆ ମାଲକାନଗିରି ଯିବାକୁ ଜିଲ୍ଲା ଶିକ୍ଷା ଅଧିକାରୀ ଆର୍ଥିକ ସହଯୋଗ ମଧ୍ୟ କରିଥିଲେ । ନକୁଳକୁ ମାଲକାନଗିରି ପଠେଇବା ପାଇଁ ଚମ୍ପାଝରଣ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଦାୟିତ୍ୱ ଦିଆ ଯାଇଥିବା ଜିଲ୍ଲା ଶିକ୍ଷା ଅଧିକାରୀ ଆମକୁ ସୂଚନା ଦେଇଛନ୍ତି ।

## ଜିଲ୍ଲାସ୍ତରୀୟ କ୍ରୟ କମିଟି ବୈଠକ

# ମୁଗ, ବିରି ଓ ଚିନାବାଦାମର ଦର ଧାର୍ଯ୍ୟ



ମାଲକାନଗିରି,୧୬ ।୪(ସମିସ):

ମାଲକାନଗିରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଏଫଏଲସି ହଲ୍‌ଠାରେ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ଅଧକ୍ଷତାରେ ଜିଲ୍ଲାସ୍ତରୀୟ କ୍ରୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ୨୦୨୫-୨୬ ରବି ଋତୁ ପାଇଁ ଜିଲ୍ଲାରେ ଉତ୍ପାଦିତ ହେଉଥିବା ମୁଗ, ବିରି ଓ ଚିନାବାଦାମର ସର୍ବନିମ୍ନ ସହାୟକ ମୂଲ୍ୟ ଧାର୍ଯ୍ୟ କରାଯିବା ସହ ଶସ୍ୟ ସଂଗ୍ରହ ପ୍ରକ୍ରିୟା ଉପରେ ବିସ୍ତୃତ ଆଲୋଚନା ହୋଇଛି । ଏହି ବୈଠକରେ ଉପ-ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଅନିଲ କୁମାର ପ୍ରହରାଜ, ସମବାୟ ସମିତି ସମୂହର ଉପ-ନିବନ୍ଧକ ଥିଓଫିଲ ଶବର, ମାର୍କଫେଡ୍‌ର ଆଞ୍ଚଳିକ ପରିଚାଳକ ଚନ୍ଦ୍ର ସେଠିଆ, ଆରଏମସି ସମ୍ପାଦକ ସଞ୍ଜୟ କୁମାର ଦାସ, ସାଂସଦ ପ୍ରତିନିଧି ସଞ୍ଜୟ ସରକାର ଏବଂ ସମସ୍ତ ବ୍ଲକ କୃଷି ଅଧିକାରୀମାନେ ଉପସ୍ଥିତ ଥିଲେ । ବୈଠକରେ ଅଧକ୍ଷତା କରି ଜିଲ୍ଲାପାଳ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସେ କହିଥିଲେ ଯେ, କୌଣସି ପ୍ରକୃତ ଚାଷୀ ଯେପରି ଶସ୍ୟ ବିକ୍ରୟରୁ ବଞ୍ଚିତ ନ ହୁଅନ୍ତି ଏବଂ ମଣ୍ଡିରେ ସେମାନଙ୍କ ପାଇଁ ପାନୀୟ ଜଳ ଓ ବିଶ୍ରାମାଗାର ଭଳି ସମସ୍ତ ମୌଳିକ ସୁବିଧା ଉପଲବ୍ଧ ହୁଏ, ତାହା ପ୍ରଶାସନ ପକ୍ଷରୁ ନିଶ୍ଚିତ କରାଯିବ । ସେହିପରି ସମବାୟ ଅଧିକାରୀଙ୍କୁ ସମବାୟ ସମିତି ଜରିଆରେ ହେଉଥିବା ପଞ୍ଜିକରଣ ପ୍ରକ୍ରିୟାକୁ ସ୍ୱଚ୍ଛ ରଖିବା ସହ ମଧ୍ୟସ୍ଥିମାନଙ୍କ ପ୍ରାଦୁର୍ଭାବ ରୋକିବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି । ମୁଖ୍ୟ ଜିଲ୍ଲା କୃଷି ଅଧିକାରୀଙ୍କୁ ବ୍ଲକ ସ୍ତରୀୟ ଅଧିକାରୀମାନଙ୍କ ଜରିଆରେ ଚାଷୀଙ୍କୁ ମଣ୍ଡି ତାରିଖ ଓ ସରକାରୀ ଦର ସମ୍ପର୍କରେ ସଚେତନ କରିବାକୁ ଏବଂ ଫସଲର ଗୁଣବତ୍ତା ଯାଞ୍ଚ କରିବାକୁ ଦାୟିତ୍ୱ ଦିଆଯାଇଛି ।ସାମଗ୍ରିକ ଭାବେ ଏହି ବୈଠକରେ ଚାଷୀଙ୍କ ସ୍ୱାର୍ଥ ରକ୍ଷା ଉପରେ ଗୁରୁତ୍ୱାରୋପ କରାଯାଇଛି । ସରକାରଙ୍କ ଦ୍ୱାରା ଧାର୍ଯ୍ୟ ହୋଇଥିବା ମୂଲ୍ୟରେ ଯେପରି ସୁବିଧାରେ ଚାଷୀମାନେ ନିଜର ଶସ୍ୟ ବିକ୍ରି କରିପାରିବେ, ସେଥିପାଇଁ ପ୍ରଶାସନିକ ସ୍ତରରେ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି ।

## ନୂତନ ଅପରାଧିକ ଆଇନ ଉପରେ ସଚେତନତା କାର୍ଯ୍ୟକ୍ରମ

ଗୁଡ଼ାରୀ,୧୬।୪(ସମିସ) : ଗୁଡ଼ାରୀ ନୂତନ ଅପରାଧି ଆଇନ ସଚେତନା କାର୍ଯ୍ୟକ୍ରମ ଗୁରୁବାର ଦିନ ଗୁଡାରୀ ଥାନା କାର୍ଯ୍ୟାଳୟ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମ ଥାନା ଅଧିକାରୀ ବିଶ୍ୱ ବନ୍ଦିନୀ ବାଗଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମର ଆୟୋଜକ ୧ ଜୁଲାଇ ୨୦୨୪ରୁ ଲାଗୁ ହୋଇଥିବା ନୂତନ ଅପରାଧିକ ଆଇନ ଭାରତୀୟ ନ୍ୟାୟ ସଂହିତ ବିଷୟରେ ନାଗରୀକଙ୍କୁ ସଚେତନ କରିବା ପାଇଁ ଗୁଡ଼ାରୀ ଥାନା କାର୍ଯ୍ୟାଳୟରେ ଆୟୋଜନ କରାଯାଇଥିଲା । କାର୍ଯ୍ୟକ୍ରମରେ ଥାନାର ଏସ୍‌ଆଇ ସଞ୍ଜିବ କୁମାର ଛତ୍ର, ସୁଲଚନା ବେହେରା ଓ ରୁଦ୍ରମାଧବ ମୁଗୁଲି ଉପସ୍ଥିତ ଥିବା ଦେଖିବାକୁ ମିଳିଛି ।

# ଅନୁଦାନ ଥାଇ ବି ନିର୍ମାଣ ହେଉନି ସାଧନା କେନ୍ଦ୍ର



ଗୁଣୁପୁର,୧୬।୪(ସମିସ): ଆଦିବାସୀମାନଙ୍କ ବିକାଶ ପାଇଁ ସରକାର ବିଭିନ୍ନ ଯୋଜନା କରିଛନ୍ତି । ସେମାନଙ୍କ କଳା ସଂସ୍କୃତି ପରମ୍ପରାକୁ ବଜାୟ ରଖିବା ପାଇଁ ସରକାରଙ୍କ ପକ୍ଷରୁ ଅନେକ ଚେଷ୍ଟା ଜାରି ରହିଛି । ରାୟଗଡା ଜିଲ୍ଲା ଏକ ଆଦିବାସୀ ଅଧୁଷିତ ଜିଲ୍ଲା ହୋଇଥିବା ବେଳେ ଏଠାରେ ବିଭିନ୍ନି ପ୍ରଜାତିର ଆଦିବାସୀମାନେ ବସବାସ କରନ୍ତି । ସୌରା, ଲାଞ୍ଜିଆ ସୌରା, କନ୍ଧ, ଡଙ୍ଗରିଆକନ୍ଧ ଭଳି ବିଭିନ୍ନ ଜନଜାତିଙ୍କୁ ଦେଖିବାକୁ ମିଳୁଛି । ଏମାନଙ୍କ ବେଶଭୁଷା, ଚାଲିଚଳନ, ପାରମ୍ପରିକ ବାଦ୍ୟଯନ୍ତ୍ର,ସଂସ୍କୃତିକୁ ବଞ୍ଚାଇ ରଖିବା ପାଇଁ ୭ ସେପ୍ଟେମ୍ବର ୨୦୨୩ ମସିହାରେ ଗୁଣୁପୁର ପୌର ପରିଷଦର ୧୬ ନମ୍ବର ୱାର୍ଡରେ ଥିବା କରାବାଙ୍କ କଲୋନୀର ମୁଖ୍ୟ ରାସ୍ତା ପାଖର୍ରେ ଥିବା ସରକାରୀ ଜମିକୁ ଐତିହ୍ୟ ସାଧନ କେନ୍ଦ୍ର ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା । ପୂର୍ବ ସରକାରଙ୍କ ସମୟରେ ତତ୍କାଳୀନ ଅନୁସୁଚିତ ଜାତି ଓ ଜନଜାତି ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା ଭିତିପ୍ରସ୍ତର ସ୍ଥାପନ କରିଥିଲେ । ସ୍ୱତନ୍ତ୍ର ଉନ୍ନୟନ ପରିଷଦର ତତ୍କାଳୀନ ଅଧକ୍ଷ ଅନୁସୟା ମାଝି, ପୂର୍ବତନ ବିଧାୟକ, ରଘୁନାଥ ଗମାଙ୍ଗ ଙ୍କ ସହ ଅନ୍ୟାନ୍ୟ ବରିଷ୍ଠ ନେତା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପକ୍ଷରୁ ୧୦ ଲକ୍ଷ ଟଙ୍କା ଅନୁମୋଦନ ହୋଇ ଗୁଣୁପୁର ଆଦିବାସୀ ଉନ୍ନୟନ ସଂସ୍ଥା ବିଭାଗକୁ ହସ୍ତାନ୍ତର କରାଯାଇଛି । ଦୀର୍ଘ ୩ ବର୍ଷ ଧରି ଏହି ଅର୍ଥ

### ପ୍ରଶାସନର ଅବହେଳା ନା ରାଜନୈତିକ ଚାପ !

ଖର୍ଚ୍ଚ ନ ହୋଇ ପଡିରହିଛି । ରାଜନୈତିକ ବାଦବିବାଦରେ କାମ ପଡିରହିଥିବା ନେଇ ଅଞ୍ଚଳ ବାସିନ୍ଦାଙ୍କ ପକ୍ଷରୁ କୁହାଯାଇଛି । ପ୍ରଶାସନର ଅବହେଳା ନା ରାଜନୈତିକ ଚାପ ଯୋଗୁଁ ନିର୍ମାଣ ହୋଇପାରୁନାହିଁ ବୋଲି ସ୍ଥାନୀୟଲୋକେ ପ୍ରଶ୍ନ କରିଛନ୍ତି । ବର୍ତ୍ତମାନ ଏହି ସରକାରୀ ଜାଗାକୁ କିଛି ବ୍ୟକ୍ତି ଜବରଦଖଲ କରି କାମ କରୁଥିବା ଜଣାପଡିଛି । ଏନେଇ ଗୁଣୁପୁର ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକଙ୍କୁ ଯୋଗାଯୋଗ କରାଯାଇଥିଲା । ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଭୃଜ ରାଜ କିଶାନ କହିଥିଲେ, ଅନୁଦାନ ଆସିଛ. କାମ ହୋଇନାହିଁ । ପ୍ରଶାସନର ଆନ୍ତରିକତା ଅଭାବ ଲାଗି ଆଜି ସରକାରୀ ଜମି ଗୁଡିକ ଜବରଦଖଲକୁ ଚାଲିଯାଉଥିବା ସାଧାରଣରେ ଆଲୋଚନା ହେଉଛି ।। ଗୁଣୁପୁର ଉପଜିଲ୍ଲାପାଳ ଦୁଧାଲ ଅଭିଷେକ ଦିଲୀପଙ୍କ ନଜରକୁ ନିଆଯାଇଥିଲା । ଜବରଦଖଲ ସ୍ଥାନକୁ ଗୁଣୁପୁର ତହସିଲରୁ ଅତିରିକ୍ତ ତହସିଲଦାର ଗୟା ଡମ୍ବୁରୁଧର ବେହେରା ଓ ରାଜସ୍ୱ ନିରୀକ୍ଷକ ଯାଇ ଅନୁଧ୍ୟାନ କରି ଫେରିଛନ୍ତି । ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେଇ ପଦକ୍ଷେପ ନେବା ପାଇଁ ଉପଜିଲ୍ଲାପାଳ ପ୍ରତିକ୍ରିୟା ରଖିଥିଲେ ।

## ଟ୍ରେନ ଧକ୍କାରେ ହାଇୱା ଚାଳକ ମୃତ

କଲ୍ୟାଣସିଂହପୁର,୧୬।୪(ସମିସ): ରାୟଗଡ଼ା ଠାରୁ କୋରାପୁଟ ଦେଇ ଯାଉଥିବା ନୂତନ ରେଳ ରାସ୍ତା ନିର୍ମାଣର ଟନେଲ ୩୦ ପି ୧ ଠାରେ କେଏସ ଆର କମ୍ପାନୀର ହାଇବା ଚାଳକ ଟ୍ରେନ ଧକ୍କାରେ ପ୍ରାଣ ହରାଇଛି । ସୂଚନା ଅନୁଯାୟୀ ମୃତ ବ୍ୟକ୍ତି ଝାଡ଼ଖଣ୍ଡ ରାଜ୍ୟର ହଜାରୀବାଗ ଜିଲ୍ଲା ଅନ୍ତର୍ଗତ କୁଣ୍ଡଲାବାଦ ଗ୍ରାମର ରୁଚନ ପାଣ୍ଡେଙ୍କ ପୁଅ କୁଳଦୀପ କୁମାର ପାଣ୍ଡେ (୩୩) । ଗତ ୨୦୨୫ ମସିହା ନଭେମ୍ବର ମାସ ୨୧ ତାରିଖରେ ସେ କେଏସ ଆର କମ୍ପାନୀ ରେ ହାଇବା ଚାଳକ ଭାବେ କାର୍ଯ୍ୟରେ ଯୋଗଦାନ କରିଥିଲେ । ଗତକାଲି କାର୍ଯ୍ୟ ସାରି ୨୯ ନମ୍ବର ଟନେଲ ନିକଟରେ ଅସ୍ଥାୟୀ କ୍ୟାମ୍ପ୍‌ରେ ରହୁଥିଲେ । ରହିଥିବା ୨୯ ନମ୍ବର ଟନେଲ ଠାରୁ ୩୦ ପି ୧ ଟନେଲ ପ୍ରାୟ ୬୦୦ମିଟର ଦୂରତାରେ ଯାଇ ରେଳ ଟ୍ରାକରେ ବସିଥିଲେ । ରାତିରେ ଏକ ଟ୍ରେନ ଆସି ଯୁବକକୁ ଧକ୍କା ଦେଇ ଶିକରପାଇ ଷ୍ଟେସନ ମାଷ୍ଟରଙ୍କୁ ଜଣାଇଥିଲେ । ଉକ୍ତ ଖବର କେଏସଆର କମ୍ପାନୀ କର୍ମଚାରୀଙ୍କୁ ସୂଚନା ଦେଇଥିଲେ । ରାତ୍ର ୧୧ଟା ହୋଇଥିବାରୁ ଘଟଣା ସ୍ଥଳକୁ କେହି ନ ଯାଇ ସକାଳୁ ଘଟଣା ସ୍ଥଳରେ ପହଞ୍ଚି ମୃତ ବ୍ୟକ୍ତିଙ୍କୁ ଚିହ୍ନଟ କରି ତାଙ୍କ ପରିବାରକୁ ଜଣାଇଥିଲେ । ଏ ସମ୍ପର୍କରେ ରେଳବାଇ ପୁଲିସକୁ ସୂଚନା ଦେବାରୁ ରେଳବିଭାଗ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଶବଜବତ କରି ରାୟଗଡା ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଥିବା ଜଣାପଡିଛି ।

# ଛେଳି ଚୋରି ଘଟଣାରେ ୩ ଗିରଫ




ଏମିଭି-୭୯, ୧୬।୪(ସମିସ): ମାଲକାନଗିରି ଜିଲ୍ଲା ଏମଭି-୭୯ ଥାନା ପୁଲିସ ଛେଳି ଚୋରି ଘଟଣାରେ ୩ ଜଣଙ୍କୁ ଗିରଫ କରିଛି । ଏଥିସହ ସେମାନଙ୍କ ନିକଟରୁ ଗୋଟିଏ ପିସ୍ତଲ ଏବଂ ଗୁଳି ଜବତ କରିଛି । ଓ ତତ୍ ସହିତ ଦୁଇଟା ମଟର ସଇକେଲ ମଧ ଜବତ ହେଇଛି । ଗିରଫ ୩ ଜଣଙ୍କ ଜଣଙ୍କ ପରିଚୟ ହେଉଛି ଟିଂଗଲ ପଞ୍ଚାୟତ ଅନ୍ତର୍ଗତ ଏମଭି-୧୧୩ ଗ୍ରାମର ସୁଜୟ ମଣଳ ଓ ଏମପିଭି-୪୫ ଗ୍ରାମର ରାହୁଲ ଶିକାରୀ ଏବଂ ପୂର୍ନେନ୍ଦୁ ମଣ୍ଡଳ । ସୂଚନା ଅନୁଯାୟୀ, ଗତ ଦୁଇ ଦିନ ତଳେ ୬ଜଣ ଚୋର ଦଳ ଗିରକାନପାଲୀ ଓ ଉଦୟଗିରି ଅଞ୍ଚଳରୁ ୩ଟି ଛେଳି ଚୋରି କରି ଆଣିଥିଲେ । ଏହା ଜାଣିବା ପରେ ଗିରକାନପାଲୀ ଗ୍ରାମ ସମେତ ଆଖଆଖ ଅଞ୍ଚଳର ଶତାଧିକ ଲୋକ ଚୋରଙ୍କ ପିଛା କରିଥିଲେ । ଚୋର ଦଳ ତାମନପାଲୀ ପାହାଡ଼ ନିକଟରେ ଆସି ଲୁଚି ରହିଥିବା ବେଳେ ସେଠାରେ ଗ୍ରାମବାସୀ ମଧ୍ୟରେ ମୁହାଁମୁହିଁ ହୋଇଥିଲା । ତେବେ ଚୋର ଦଳ ଗ୍ରାମବାସୀଙ୍କ ଉପରକୁ ପିସ୍ତଲରୁ ଗୁଳି କରି ଖସିଯିବାକୁ ଉଦ୍ୟମ କରିଥିଲେ । ଗୁଳି ବାଜି ଜଣେ ଗ୍ରାମବାସୀ ଆହତ ହୋଇଥିଲେ । କିନ୍ତୁ ଗ୍ରାମବାସୀ ଦୁଇଜଣ ଚୋରଙ୍କୁ କାବୁ କରି ନିର୍ଧୂମ ମାଡ଼ ମାରି ଲହୁଲୁହାଣ କରିଥିଲେ । ଅନ୍ୟମାନେ ଖସିଯିବାରେ ସଫଳ ହୋଇଥିଲେ । ୩ଟି ଛେଳି ମଧ୍ୟରୁ ଦୁଇଟି କୁଆଡ଼େ ଚାଲିଯାଇଥିବା ବେଳେ ଗୋଟିଏ ଛେଳିକୁ ପୁଲିସ ଧରି ଗ୍ରାମବାସୀଙ୍କୁ ହସ୍ତାନ୍ତର କରିଥିଲା । ଏମଭି-୭୯ ଥାନା ଅଧିକାରୀ ପୂର୍ଣ୍ଣିମା ଟେଟେ ଏବଂ ସବ୍‌ଇନ୍ସେକ୍ଟର ଚନ୍ଦନ କୁମାର ବେହେରାଙ୍କ ନେତୃତ୍ୱରେ ଏକ ପୁଲିସ ଟିମ୍ ଘଟଣାସ୍ଥଳରୁ ଦୁଇଜଣ ଆହତ ଚୋରଙ୍କୁ କାବୁ କରିଥିଲା ବେଳେ ଆଉ ଜଣଙ୍କୁ ଗିରଫ କରିଥିଲା । ଏ ନେଇ ଏମ୍‌ଭି-୭୯ ଥାନାରେ ୫୮/୨୬ରେ ଏକ ମାମଲା ରୁଜୁ କରି ସମସ୍ତ ତିନି ଜଣ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ।

## ଅସହ୍ୟ ଗରମ,ବିଦ୍ୟୁତ କାଟରେ ଲୋକେ ଅତିଷ୍ଠ

ଅମ୍ବାଦଳା,୧୬।୪(ସମିସ): ଅମ୍ବାଦଳା ଅଞ୍ଚଳରେ ଏବେ ଅସମ୍ଭାଳ ଗରମ ଅନୁଭୂତ ହେଉଛି । ତତଲା କଡେଇରେ ସିଝୁଥିବା ପରି ଅନୁଭବ ହେଉଛି । ଏଥିସହ ଅଘୋଷିତ ବିଦ୍ୟୁତ କାଟ ଲୋକଙ୍କ ମୁଣ୍ଡ ବ୍ୟଥାର ପ୍ରଧାନ କାରଣ ହୋଇଛି । ତାପମାତ୍ରା ବଢ଼ି ଯାଇଥିବା ବେଳେ ଦିନ ଓ ରାତିରେ ବିଦ୍ୟୁତ କାଟ ହେଉଥିବାରୁ ଲୋକମାନେ ନିଦ୍ରାହୀନ ରାତି କାଟୁଛନ୍ତି । ପଙ୍ଖା ଓ କୁଲର ଚାଲୁନଥିବାରୁ ଶିଶୁ, ବୃଦ୍ଧ ଓ ରୋଗୀମାନେ ବେଶୀ ପ୍ରଭାବିତ ହେଉଛନ୍ତି । ଅଘୋଷିତ ଭାବେ ବାରମ୍ବାର ବିଦ୍ୟୁତ କାଟ ହେଉଥିବାରୁ ଅଞ୍ଚଳବାସୀ ଅସହାୟ ଅବସ୍ଥାରେ ପଡ଼ିଛନ୍ତି । ଏନେଇ ବିଦ୍ୟୁତ ବିଭାଗ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ମିଳୁନଥିବାରୁ ଅସନ୍ତୋଷ ବଢୁଛି । ତେବେ ଶୀଘ୍ର ନିୟମିତ ବିଦ୍ୟୁତ ଯୋଗାଣ ସୁନିଶ୍ଚିତ କରିବା ସହିତ ଲୋଡ୍‌ସେଡିଂ ଉପରେ ନିୟନ୍ତ୍ରଣ ଆଣିବାକୁ ଅମ୍ବାଦଳା ବିଦ୍ୟୁତ ଉପଭୋକ୍ତା ମହାସଂଘ ପକ୍ଷରୁ ଦାବି ହେଉଛି ।

● ସିବିଏସଇ ଦଶମ ବୋର୍ଡ ପରୀକ୍ଷା

# ସେଞ୍ଚୁରିଆନ୍ ପବ୍ଲିକ୍ ସ୍କୁଲର ସଫଳତା





ରାୟଗଡ଼ା, ୧୬।୪(ସମିସ): ରାୟଗଡ଼ ସେଞ୍ଚୁରିଆନ ପବ୍ଲିକ୍ ସ୍କୁଲ ସିବିଏସଇ ଦଶମ ବୋର୍ଡ ପରୀକ୍ଷାରେ ଅସାଧାରଣ ଫଳାଫଳ ପ୍ରଦର୍ଶନ କରି ଏକ ନୂତନ ଇତିହାସ ରଚନା କରିଛି । ମୋଟ ୧୭୬ ଜଣ ଛାତ୍ରଛାତ୍ରୀ ପରୀକ୍ଷାରେ ଅଂଶଗ୍ରହଣ କରିଥିବା ବେଳେ ସମସ୍ତେ ସଫଳତା ହାସଲ କରି ରେକର୍ଡ କରିଛନ୍ତି । ଏହି ସଫଳତାର ଶିଖରରେ ରହିଛନ୍ତି ମଧୁସ୍ମିତା ରାଜଗୁରୁ । ଯିଏ ୯୪ ପ୍ରତିଶତ ନମ୍ବର ରଖି ସ୍କୁଲର ଟପର୍ ହୋଇଛନ୍ତି । ସେହିପରି ପି. ଲକ୍ଷ୍ମୀ ସରନ୍ୟା ୯୩ ପ୍ରତିଶତ ନମ୍ବର ହାସଲ କରି ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ଟି. ତେଜଶ ୯୨ ପ୍ରତିଶତ ନମ୍ବର ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଏହି ସଫଳତା ସମଗ୍ର ସ୍କୁଲ ଓ ପରିବାର ପାଇଁ ଗର୍ବର ବିଷୟ ପାଲଟିଛି । ଏହାସହ ଏହି ବର୍ଷ ୯୦ ପ୍ରତିଶତରୁ ଅଧିକ ନମ୍ବର ୮ ଜଣ ଛାତ୍ରଛାତ୍ରୀ ରହିଛନ୍ତି, ଯେଉଁମାନେ, ସ୍କୁଲର ଉତ୍କୃଷ୍ଟ ଶିକ୍ଷାମାନକୁ ପ୍ରମାଣିତ କରିଛନ୍ତି । ସେହିପରି ୮୦ ପ୍ରତିଶତରୁ ଅଧିକ ନମ୍ବର ପାଇଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ମୋଟ ପରୀକ୍ଷାର୍ଥୀଙ୍କର ପ୍ରାୟ ୪୦ ପ୍ରତିଶତ ଅଟେ । ସ୍କୁଲ ପରିଚାଳନା ପକ୍ଷରୁ ଆଞ୍ଚଳିକ ନିର୍ଦ୍ଦେଶକ ଡ. ରାଜେଶ କୁମାର ପାଢ଼ୀ ସମସ୍ତ ସଫଳ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଥିବା ସହ ଭବିଷ୍ୟତରେ ଏହି ସଫଳତାକୁ ଆହୁରି ଉଚ୍ଚ ସ୍ଥାନକୁ ନେବା ପାଇଁ ଆଶା ପ୍ରକଟ କରିଛନ୍ତି ।

## ଜିଲ୍ଲା କ୍ରିକେଟ୍ ଆସୋସିଏସନର ସାଧାରଣ ପରିଷଦ ବୈଠକ

# ଅତ୍ୟାଧୁନିକ ବହୁମୁଖୀ ଷ୍ଟାଡିୟମ ନିର୍ମାଣ ହେଉ: ଡିସିଏ



ରାୟଗଡ଼ା,୧୬।୪(ସମିସ): ରାୟଗଡ ଜିଲ୍ଲା କ୍ରିକେଟ ଆସୋସିଏସନର ସାଧାରଣ ପରିଷଦ ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ସଦ ଭାବନା ସଭା ଗୃହରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାରେ କ୍ରିକେଟ ଖେଳିବା ଓ ପ୍ରଶିକ୍ଷଣ ପାଇଁ ଉନ୍ନତ ଭିତ୍ତିଭୂମିର ଘୋର ଅଭାବ ରହିଛି । ଦୁର୍ବଳ ଭିତ୍ତି ଭୂମିର ଉନ୍ନତି ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲା ପ୍ରଶାସନ, ରାଜ୍ୟ ସରକାର ଓ ଜିଲ୍ଲା ରେ ଥିବା ଶିଳ୍ପ ସଂସ୍ଥା ଗୁଡିକର ଦୃଷ୍ଟି ଆକର୍ଷଣ କରାଯିବାକୁ ବୈଠକରେ ନିଷ୍ପତି ନିଆଯାଇଛି । ପ୍ରତିଭାବାନ କ୍ରିକେଟର ସୃଷ୍ଟି କରିବା ପାଇଁ ଗ୍ରାମାଞ୍ଚଳସ୍ତରରୁ କ୍ରିକେଟରଙ୍କୁ ଚିହ୍ନଟ କରିବାକୁ ଉଦ୍ୟମ କରିବାକୁ ଗୁରୁତ୍ୱ ଦିଆଯାଇଛି । ରାଜ୍ୟସ୍ତରରେ ୧୭ ବର୍ଷରୁ କମ ଓ ୧୯ ବର୍ଷରୁ କମ କ୍ରିକେଟ ପ୍ରତିଯୋଗିତାରେ ଭାଗ ନେବାକୁ ଯାଉଥିବା ଖେଳାଳୀମାନଙ୍କୁ ସଠିକ ସମୟରେ ଆର୍ଥିକ ସହାୟତା ଯୋଗାଇ ଦିଆଯିବା ପାଇଁ ପ୍ରଶାସନିକ ସକ୍ରିୟତା ଉପରେ ଗୁରୁତ୍ୱ ଦିଆଯାଇଛି । କ୍ରିକେଟ ପ୍ରଶିକ୍ଷଣ ସକାଶେ ଜିଲ୍ଲାର ବିଭିନ୍ନ ବ୍ଲକ୍ ଅଞ୍ଚଳରେ ଥିବା ଖେଳ ପଡିଆ ଗୁଡିକୁ (ଷ୍ଟାଡିୟମ) ବ୍ୟବହାର କରାଯାଇପାରିବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା । ରାୟଗଡ ଜିଲ୍ଲା ସଦର ମହକୁମା ଠାରେ ଜିଲ୍ଲା କ୍ରିକେଟ ଆସୋସିଏସନ କାର୍ଯ୍ୟାଳୟ ପାଇଁ ସ୍ଥାୟୀ ଗୃହ ଯୋଗାଇ ଦେବା ସହ କ୍ରିକେଟ ଷ୍ଟାଡିୟମ ନିର୍ମାଣ ପାଇଁ ଆବଶ୍ୟକ ଜମି ଯୋଗାଇଦେବା ନେଇ ଆଲୋଚନା ହୋଇଥିଲା । ଅତ୍ୟାଧୁନିକ ବହୁମୁଖୀ ଷ୍ଟାଡିୟମ ନିର୍ମାଣ କରିବା ପାଇଁ ଜିଲ୍ଲାରେ ଥିବା ବହୁରାଷ୍ଟ୍ରୀୟ ଶିଳ୍ପ ସଂସ୍ଥା ଗୁଡିକର ସହଯୋଗ ମାଗିବାକୁ ନିଷ୍ପତି ନିଆଯାଇଛି । କ୍ରିକେଟ ଆସୋସିଏସନର ବରିଷ୍ଠ ସଦସ୍ୟ ତ୍ରିନାଥ ଖାଡ଼ଙ୍ଗା ସଭାପତିତ୍ୱ କରିଥିଲେ । ଜିଲ୍ଲା କ୍ରିକେଟ ଆସୋସିଏସନର ସମ୍ପାଦକ ସଚ୍ଚିଦାନନ୍ଦ ଖାଡ଼ଙ୍ଗା ବିବରଣୀ ଉପସ୍ଥାପନ କରିଥିଲେ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କୋଷାଧ୍ୟକ୍ଷ ପ୍ରଶାନ୍ତ କୁମାର ତ୍ରିପାଠୀ, ପୂର୍ବତନ ସମ୍ପାଦକ ଡ. ନିରଞ୍ଜନ ବକ୍ସିପାତ୍ର, ହରିଶ ଠାକର, ପୃଥ୍ୱୀରାଜ ସାହୁ, କୀର୍ତ୍ତିଚନ୍ଦ୍ର ସାହୁ, ଧବଳେଶ୍ୱର ନାଇଡୁ, ରାମାନୁଜ ମହାନ୍ତି, ଦେବୀ ପ୍ରସାଦ ପଟ୍ଟନାୟକ, ଆର କଲ୍ୟାଣୀ ଆଚାରୀ, ରମେଶ ଚନ୍ଦ୍ର ସାହୁ ସମେତ ଅନ୍ୟ ସଦସ୍ୟ ମାନେ ଉପସ୍ଥିତ ଥିଲେ । କ୍ରିକେଟ ଆସୋସିଏସନର ସଭାପତି ତଥା ଜିଲ୍ଲପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ନବୀନଚନ୍ଦ୍ର ନାୟକ ଉପସ୍ଥିତ ରହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଶେଖ ଅଲିନୁର, ଜିଲ୍ଲା ଲୋକ ସମ୍ପର୍କ ଅଧିକାରୀ ବସନ୍ତ ପ୍ରଧାନ, ସହକାରୀ ଲୋକ ସମ୍ପର୍କ ଅଧିକାରୀ ଦେବରାଜ ଟାକ୍ରୀ ପ୍ରମୁଖ ଉପସ୍ଥିତ ଥିଲେ । ବରିଷ୍ଠ ସଦସ୍ୟ କୀର୍ତ୍ତି ଚନ୍ଦ୍ର ସାହୁ ପ୍ରଶାସନ ନିକଟରେ ବିଭିନ୍ନ ପ୍ରସ୍ତାବ ରଖିଥିବାବେଳେ ପୃଥ୍ୱୀରାଜ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

● ବ୍ୟବସ୍ଥା ଅଛି, ପାଣି ନାହିଁ

# ମୁନିଗୁଡା ବ୍ଲକ୍‌ରେ ମିଳୁନି ପିଇବା ପାଣି

ମୁନିଗୁଡା,୧୬।୪(ସମିସ): ରାୟଗଡ଼ା ଜିଲ୍ଲାର ମୁନିଗୁଡା ବ୍ଲକ କାର୍ଯ୍ୟାଳୟରେ ପାନୀୟ ଜଳ ସମସ୍ୟା ଦିନକୁ ଦିନ ଉତ୍କଟ ରୂପ ଧାରଣ କରିଛି । ପ୍ରବଳ ଖରା ମଧ୍ୟରେ ପାଣି ଅଭାବ ଦେଖାଦେଇଥିବାରୁ କର୍ମଚାରୀମାନଙ୍କ ଠାରୁ ଆରମ୍ଭ କରି ବିଭିନ୍ନ କାମ ପାଇଁ ଆସୁଥିବା ହିତାଧିକାରୀମାନେ ତହଳ ବିକଳ ଅବସ୍ଥାରେ ରହିଛନ୍ତି । ଅଞ୍ଚଳବାସୀ ନିଜର ପାନୀୟ ଜଳ ସମସ୍ୟା ସହ ଅନ୍ୟାନ୍ୟ ଅଭିଯୋଗ ନେଇ ବ୍ଲକ ଦ୍ୱାରସ୍ଥ ହେଉଥିବା ବେଳେ ସେଠାରେ ମଧ୍ୟ ପାଣି ଅଭାବ ଥିବାରୁ ସେମାନେ ଅଧିକ ଅସୁବିଧା ଭୋଗୁଛନ୍ତି । ଅବସ୍ଥା ଏପରି ହୋଇଛି ଯେ ନିଜେ ବ୍ଲକ କର୍ମଚାରୀ ପାଣି ପାଇଁ ହିନସ୍ତା ହେଉଥିବା ଦେଖିବାକୁ ମିଳୁଛି । ବ୍ଲକ ପରିସରରେ ବିଶୁଦ୍ଧ ପାନୀୟ ଜଳ ପାଇଁ ବ୍ୟବସ୍ଥା ରହିଥିବା ସତ୍ତ୍ୱେ ସେଠାରୁ ପାଣି ଆସୁନଥିବା ଅଭିଯୋଗ ହେଉଛି । ଗତ କିଛି ଦିନ ଧରି ଏହି ସମସ୍ୟା ଜାରି ରହିଥିବାରୁ କର୍ମଚାରୀ ଓ ଆସୁଥିବା ଲୋକମାନେ ଭାରି ଅସୁବିଧାରେ ପଡୁଛନ୍ତି । କେତେକ ଅଧିକାରୀ ନିଜେ ବୋତଲରେ ପାଣି ଆଣି ପିଇବାକୁ ବାଧ ହେଉଥିବା ଦେଖିବାକୁ ମିଳୁଛି । ଯାହା ପ୍ରଶାସନର କାର୍ଯ୍ୟକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସ୍ଥାନୀୟ ଲୋକମାନେ ଶୀଘ୍ର ସ୍ଥାୟୀ ପାନୀୟ ଜଳ ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି । ବ୍ଲକ କାର୍ଯ୍ୟାଳୟ ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଏପରି ଅବ୍ୟବସ୍ଥା ଚିନ୍ତାଜନକ ବୋଲି ମତ ପ୍ରକାଶ ପାଉଛି ।

## ଚୁକ୍ତିନାମା ଉଲ୍ଲଂଘନ

# କଲ୍ୟାଣ ମଣ୍ଡପକୁ ସିଲ୍ କଲା ପର୍ଯ୍ୟଟନ ବିଭାଗ




ଜୟପୁର,୧୬।୪(ସମିସ) : କୋରାପୁଟ ଜିଲ୍ଲା ଜୟପୁର ଜୟନଗର ଜଗନ୍ନାଥ ସାଗର ପାଶ୍ୱର୍ରେ ବୋଟିଂ କ୍ଲବ ନାମରେ ଲିଜ୍ ସୂତ୍ରକୁ ନିଆଯାଇ କଲ୍ୟାଣ ମଣ୍ଡପ ଭାବେ ପରିଚାଳନା ହେଉଥିବା "ଲେକ ପ୍ଲେ ସାଇଡ୍' ଚୁକ୍ତିନାମାକୁ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ବାତିଲ କରାଯାଇଛି। ଆଜି ପର୍ଯ୍ୟଟନ ବିଭାଗ ଏବଂ ପ୍ରଶାସନ ପକ୍ଷରୁ ପୁଲିସ ଉପସ୍ଥିତିରେ ଉକ୍ତ କଲ୍ୟାଣ ମଣ୍ଡପକୁ ଜଉମୁଦ ମାରି ସିଲ କରିଛନ୍ତି। ଏଥିନେଇ ଗତ ୯ ତାରିଖରେ ରାଜ୍ୟ ପର୍ଯ୍ୟଟନ ବିଭାଗର ଅତିରିକ୍ତ ସଚିବ ଡ. ରୁଦ୍ର ନାରାୟଣ ଦାଶଙ୍କ ପକ୍ଷରୁ ସ୍ପିଡ ପୋଷ୍ଟ ଚିଠି ମାଧ୍ୟମରେ ଲିଜଧାରୀ ଜୟପୁର ଜୟନଗର ପାଇକସାହି ନିବାସୀ ଗଣେଶ ପ୍ରସାଦ ବେହେରାଙ୍କୁ ଚୁକ୍ତିନାମାକୁ ସ୍ଥଗିତ ରଖିବା ସହିତ ବିଭାଗର ଉକ୍ତ ଜମିକୁ ଛାଡିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହିପରି ଚୁକ୍ତିନାମା ଖିଲାପ କରାଯାଇ ବ୍ୟବସାୟିକ ଭିତ୍ତିରେ ବୋଟିଂ କ୍ଲବକୁ କଲ୍ୟାଣ ମଣ୍ଡପ ଭାବେ ବ୍ୟବହାର କରିବା ସହିତ ଜଗନ୍ନାଥ ସାଗରର ଜଳାଶୟ କିସମର ୦.୧୨୫ ଏକର ଜମିକୁ ଜବରଦଖଲ ରଖିଥିବା ନେଇ ଅଭିଯୋଗ ହୋଇଥିଲା। ଏଥିନେଇ ଗତ ମାର୍ଚ୍ଚ ୧୬ ତାରିଖରେ ବିଭାଗ ପକ୍ଷରୁ ଲିଜ୍ ଧାରୀଙ୍କ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା। ଲିଜଧାରୀଙ୍କ ପକ୍ଷରୁ ଗତ ମାର୍ଚ୍ଚ ୨୫ ତାରିଖରେ ଏହାର ପ୍ରତିଉତ୍ତର ଦିଆଯାଇଥିଲା। ଏଥିନେଇ ବିଭାଗ ପକ୍ଷରୁ ଜିଲ୍ଲାପାଳଙ୍କୁ ଘଟଣାସ୍ଥଳର ତଦନ୍ତ କରିବା ସହିତ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜୟପୁର ତହସିଲଦାର ଗତ ମାର୍ଚ୍ଚ ୨୮ ତାରିଖରେ ମାପଚୂପ କରିବା ପରେ ନିର୍ଦ୍ଧାରିତ ଲିଜ ଜମି ଠାରୁ ବେଆଇନ ଭାବେ ଅଧିକ ଜଳାଶୟ ଜମିକୁ ଲିଜଧାରୀ ଜବରଦଖଲ କରିଥିବା ନେଇ ରିପୋର୍ଟ ପ୍ରଦାନ କରିଥିଲେ। ସେହିପରି ବୋଟିଂ କ୍ଲବ ନାମରେ ଲିଜ ପ୍ରଦାନ କରାଯାଇଥିବା ବେଳେ ଏହାକୁ ବେଆଇନ ଭାବେ ପରିବର୍ତ୍ତନ କରାଯାଇ କଲ୍ୟାଣ ମଣ୍ଡପ ଭାବେ ବ୍ୟବସାୟିକ ଭିତ୍ତିରେ ପରିଚାଳିତ ହେଉଥିଲା। ଏହିପରି ବେଆଇନ ଭାବେ ସମ୍ମୁଖ ଭାଗର ରାସ୍ତ ଜମିକୁ ଜବରଦଖଲ କରିବା ସହିତ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ପକ୍ଷରୁ ରାସ୍ତା ଓ ଡ୍ରେନ କାର୍ଯ୍ୟରେ ବାଧା ସୃଷ୍ଟି କରାଯାଇଛି। ଫଳରେ ଉନ୍ନତୀ ମୂଳକ କାର୍ଯ୍ୟ ଅଟକି ରହିଛି। ବିଭାଗ ସହିତ ଚୁକ୍ତିନାମାକୁ ସମ୍ପୂର୍ଣ୍ଣ ଭାବେ ଲିଜଧାରୀ ଅଣଦେଖା କରାଯାଇଥିବା ଯୋଗୁଁ ଏହି ଚୁକ୍ତିନାମାକୁ ବାତିଲ କରାଯାଉଛି ଏବଂ ତୁରନ୍ତ ଉକ୍ତ ବୋଟିଂ କ୍ଲବ ଏବଂ ଜଳାଶୟ ଜମିକୁ ଛାଡିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଶେଷରେ ଆଜି ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ସୌରଭ ରଞ୍ଜନ ବାଗଙ୍କ ଉପସ୍ଥିତିରେ ଉକ୍ତ କଲ୍ୟାଣ ମଣ୍ଡପକୁ ସିଲ କରାଯିବା ସହିତ ବିଭାଗ ନିଜ ଅକ୍ତିଆରକୁ ନେଇଛନ୍ତି। ଏଥିନେଇ ଜିଲ୍ଲା ପର୍ଯଟନ ଅଧିକାରୀ ଶ୍ରୀ ବାଗ କହିଛନ୍ତି ଯେ, ଲିଜଧାରୀ ବିଭାଗ ସହିତ ଚୁକ୍ତିନାମା ଖିଲାପ କରିବା ସହିତ ଜଳାଶୟ ଜମିକୁ ଜବରଦଖଲ ଏବଂ ସରକାରୀ ଉନ୍ନତୀମୂଳକ କାର୍ଯ୍ୟରେ ବାଧାସୃଷ୍ଟି କରୁଥିଲେ। ସେହିପରି ବିବାହ ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ ପାଇଁ ଯେଉଁ ସାଧାରଣ ଜନତା ଉକ୍ତ କଲ୍ୟାଣ ମଣ୍ଡପକୁ ଆଗୁଆ ବୁକିଂ କରିଛନ୍ତି। ସେମାନଙ୍କ ସୁବିଧା ପାଇଁ ସେମାନଙ୍କ କାର୍ଯ୍ୟକ୍ରମ ଉକ୍ତ ମଣ୍ଡପ ଠାରେ କରିବେ ଏବଂ ଏଥିନେଇ ବକେୟା ଟଙ୍କା ବିଭାଗ ପକ୍ଷରୁ ରସିଦ ଦିଆଯାଇ ଭୁବନେଶ୍ୱର ବିଭାଗର ମୁଖ୍ୟ କାର୍ଯ୍ୟାଳୟ ଠାରେ ଟଙ୍କା ଜମା କରାଯିବ।

## ବରିଷ୍ଠ ଦେୱାନୀ ବିଚାରପତିଙ୍କୁ ବିଦାୟ ସମ୍ବର୍ଦ୍ଧନା




ନବରଙ୍ଗପୁର,୧୬।୪(ସମିସ): ଗୁରୁବାର ସ୍ଥାନୀୟ ନବରଙ୍ଗପୁର ଜିଲ୍ଲା ଓ ଦୌରା ଜଜ୍‌ଙ୍କ ଅଦାଲତ ପରିସରରେ ଥିବା ଆଇନଜୀବୀ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ନବରଙ୍ଗପୁର ଜିଲ୍ଲା ଓକିଲ ସଙ୍ଘ ତରଫରୁ ବରିଷ୍ଠ ଦେୱାନୀ ବିଚାରପତି ମୋନିତା ତ୍ରିପାଠୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ବିଦାୟକାଳୀନ ବିଚାରପତି ମୋନିତା ତ୍ରିପାଠୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ରେଜିଷ୍ଟ୍ରାର ଶାଶ୍ୱତୀ ମିଶ୍ର ଯୋଗ ଦେଇଥିଲେ। ସଭାରେ ସିରାଜଉଦ୍ଦିନ ଅହମଦ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ତପନ ସିଂ ସ୍ୱାଗତ ଭାଷଣ ଦେଇ ସଭା କାର୍ଯ୍ୟ ଆରମ୍ଭ କରିଥିଲେ। ଏଥିରେ ରେଜିଷ୍ଟ୍ରାର ଶାଶ୍ୱତୀ ମିଶ୍ର ପ୍ରଥମେ ନିଜର ବକ୍ତବ୍ୟ ରଖିଥିବା ବେଳେ ମୁଖ୍ୟ ଅତିଥ ମୋନିତା ତ୍ରିପାଠୀ ନିଜ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ନବରଙ୍ଗପୁର ଓକିଲ ସଙ୍ଘର ବରିଷ୍ଠ ସଦସ୍ୟ ସି.ଏଚ ବାବା ଯୁଗନ୍ଧର, ହରିନାରାୟଣ ବେହେରା, ମାନସ ତ୍ରିପାଠୀ, ସନ୍ତୋଷ ମିଶ୍ର, ଶ୍ରୀକାନ୍ତ କୁମାର ପଣ୍ଡା, କିଶୋରୀ ପଟ୍ଟନାୟକ, ବିଧୁ ଶେଖର ତ୍ରିପାଠୀ ପ୍ରମୁଖ ନିଜ ନିଜର ମତ ପ୍ରକାଶ କରିଥିଲେ। ଏଥିରେ ସଙ୍ଘର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଶେଷରେ ସଙ୍ଘର ଉପସଭାପତି ସଦାଶିବ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

● ଖଣି ଅଧିକାରୀଙ୍କୁ ବାଲି ମାଫିଆଙ୍କ ମରଣାନ୍ତକ ଆକ୍ରମଣ ଘଟଣା

# ଦ୍ୱିତୀୟ ଅଭିଯୁକ୍ତ ଗିରଫ

ଜୟପୁର,୧୬।୪(ସମିସ): ଜୟପୁର ସଦରଥାନା ବାଲିଆ ଗ୍ରାମ ନିକଟସ୍ଥ ସତିନଦୀ ପୋଲ ନିକଟରେ ଗତ ଶନିବାର ଦିନ ଖଣି ବିଭାଗର ଜଣେ କନିଷ୍ଠ ଖଣି ଅଧିକାରୀଙ୍କୁ ବାଲି ମାଫିଆ ମାନେ ମରଣାନ୍ତକ ଆକ୍ରମଣ ଘଟଣାରେ ୨ୟ ଅଭିଯୁକ୍ତକୁ ସଦରଥାନା ପୁଲିସ ଗିରଫ କରିଛନ୍ତି। ଗିରଫ ଅଭିଯୁକ୍ତ ସ୍ଥାନୀୟ ଦାମାପୁଟ ଗ୍ରାମର ଜେଟୁ ପାଡାଲ (୨୦)ଙ୍କୁ କୋର୍ଟ ଚାଲାଣ କରାଯାଇଛି। କନିଷ୍ଠ ଖଣି ଅଧିକାରୀଙ୍କୁ ଆକ୍ରମଣ ମାମଲାରେ ଦୁଇଜଣଙ୍କୁ ପୁଲିସ ଗିରଫ କରିଥିବା ବେଳେ ଟ୍ରାକ୍ଟର ମାଲିକଙ୍କ ସମେତ ଅନ୍ୟ ୩ ଜଣ ଫେରାର ରହିଛନ୍ତି। ପୁଲିସ ସୂଚନା ଅନୁଯାୟୀ ଗତ ଶନିବାର ପୂର୍ବାହ୍ନରେ କନିଷ୍ଠ ଖଣି ଅଧିକାରୀ ପ୍ରଦୀପ କୁମାର ବାଲି ବୋଝେଇ ଟ୍ରାକ୍ଟରକୁ ଅଟକାଇ ଯାଞ୍ଚ ବେଳେ ୪ଜଣ ତାଙ୍କୁ ଆକ୍ରମଣ କରିବା ସହ ଜୀବନରେ ମାରି ଦେବାକୁ ଉଦ୍ୟମ କରିଥିଲେ। ଏଥିନେଇ ଖଣି ଅଧିକାରୀଙ୍କ ଏତଲାକୁ ଭିତ୍ତି କରି ପୁଲିସ ଏକ ମାମଲା ରୁଜୁ କରିଥିଲା।

# ଖବର ପ୍ରକାଶନ ପରେ ନଳକୂପ ମରାମତି



'ସକାଳ' ପ୍ରଭାବ

ବୈପାରୀଗୁଡ଼ା,୧୬।୪(ସମିସ): ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ବୋଦାପୁଟ ପଞ୍ଚାୟତର ତେନ୍ତୁଳିପୋଡା ଗାଁରେ ନଳକୂପରୁ ଗୋଳିଆ ପାଣିକୁ ନେଇ ହନ୍ତସନ୍ତ ହେଉଥିଲେ ସ୍ଥାନୀୟ ଲୋକେ। ଏନେଇ "ସକାଳ'ରେ ଖବର ପ୍ରକାଶିତ ହେବା ପରେ ପ୍ରଶାସନ ତତ୍ପରତା ଦେଖାଇ ନଳକୂପ ମରାମତି କରିଛି। ଗାଁ ଲୋକେ ଏବେ ସୁବିଧାରେ ପାଣି ପାଉଛନ୍ତି। ଏଥିଲାଗି ଗ୍ରାମବାସୀ ପ୍ରଶାସନକୁ ଧନ୍ୟବାଦ ଜଣାଇଛନ୍ତି । ତେନ୍ତୁଳିପୋଡାରେ ୧୫ରୁ ଉର୍ଦ୍ଧ ପରିବାର ବସବାସ କରନ୍ତି। ମାତ୍ର ଏଠାରେ ବସୁଧା ଯୋଜନା ଫେଲ ମାରିଛି। ନଳକୂପ ହିଁ ଏମାନଙ୍କ ସହାଭାରସା। ତାହା ମଧ୍ୟ ଅଚଳ ସାଙ୍ଗେ ସମାନ ଥିଲା। ଘଣ୍ଟାଏ ମାରିଲେ ଗୋଟିଏ ହାଣ୍ଡି ପାଣି ବାହାରୁଥିଲା । ସେ ପାଣି ବି ପୁଣି ଗଳିଆ ପାଣି ବାହାରୁଥିଲା। ଏ ନେଇ "ସକାଳ'ରେ ଖବର ପ୍ରକାଶିତ ହେବା ପରେ ସ୍ଥାନୀୟ ଏସଡିଓ ଅକ୍ଷୟ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଗ୍ରାମ୍ୟ ପାନୀୟ ଜଳ ଓ ପରିମଳ ବିଭାଗ କର୍ମକର୍ତ୍ତା ଗାଁରେ ପହଞ୍ଚି ନଳକୂପ ମରାମତି କରିଛନ୍ତି। ପାଣି ସମସ୍ୟା ସମାଧାନ ପରେ ଗାଁର ୱାର୍ଡ ମେମ୍ବର କମୁଲୁ ମୁଣ୍ଡାଗୁଡ଼ିଆ, ଗଙ୍ଗା ପୂଜାରୀ, ବଲୁ ନାୟକ, ବଳବ ପପୁଲ, ପତି ପପୁଲ, ସୁକାନ୍ତ ପୂଜାରୀ ପ୍ରମୁଖ ପ୍ରଶାସନକୁ ଧନ୍ୟବାଦ ଜଣାଇଛନ୍ତି।

## ଅଗ୍ନି ଗଙ୍ଗାମା' ବାର୍ଷିକ ଘଟଯାତ୍ରା ପ୍ରସ୍ତୁତି ବୈଠକ



ସେମିଳିଗୁଡ଼ା,୧୬।୪ (ସମିସ): କୋରାପୁଟ ଜିଲ୍ଲା ସେମିଳିଗୁଡା ଓ ଆଖପାଖ ଅଞ୍ଚଳର ଆରାଧ୍ୟ ଦେବୀ ଶ୍ରୀ ଅଗ୍ନି ଗଙ୍ଗା ମା' ବାର୍ଷିକ ଘଟଯାତ୍ରା ପାଇଁ ମନ୍ଦିର ପରିସରରେ ବୁଧବାର ରାତିରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟିର ସକ୍ରିୟ ସଦସ୍ୟ ପ୍ରଦୀପ କୁମାର ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ପଟ୍ଟାଙ୍ଗୀ ବିଧାୟକ ରାମଚନ୍ଦ୍ର କାଡାମ, ସେମିଳିଗୁଡା ତହସିଲଦାର ଦେବବ୍ରତ, ପୂର୍ବତନ ବିଧାୟକ ରଘୁରାମ ପଦଳ, ସେମିଳିଗୁଡା ସମିତି ଉପାଧ୍ୟକ୍ଷ ଶିବା ବାଙ୍ଗାରୀ, ସୁନାବେଡ଼ା ଏସଡିପିଓ ସୁମିତ୍ରା ଜେନା, ସେମିଳିଗୁଡା ଥାନା ଅଧିକାରିଣୀ ଅନିତା କୁଜୁର, ମନ୍ଦିର ସମ୍ପାଦକ ତ୍ରିନାଧ ନାୟକ, ସହରର ମୁଖ୍ୟ, ହେମଚନ୍ଦ୍ର ବିଷୋୟୀ, ସୂର୍ଯ୍ୟନାରାୟଣ ପଣ୍ଡା, ରିଣ୍ଟୁ ନାୟକ, ଈଶ୍ୱର ଆହ୍ଲାଦା, ଅଶୋକ ପ୍ରଧାନ, ସନ୍ତୋଷ, ରମେଶ, ରାମକୃଷ୍ଣ, ଶ୍ରୀନିବାସ, ନାରାୟଣ କୁଳଦୀପ, ନାଗ ରାଜ ପ୍ରମୁଖ କମିଟି କର୍ମକର୍ତ୍ତା ଉପସ୍ଥିତ ଥିଲେ। ମେ ୩ ତାରିଖରୁ ୧୦ ତାରିଖ ଯାଏଁ ୯ ଯାତ୍ରା ଅନୁଷ୍ଠିତ ହେବା ନେଇ ଦିନ ଧାର୍ଯ୍ୟ କରାଯାଇଛି। ଯାତ୍ରାକୁ ଶାନ୍ତି ଶୃଙ୍ଖଳା ରେ କିପରି ପାଳନ କରାଯିବ ସେ ନେଇ ଆଲୋଚନା ହୋଇଥିଲା।

## ରାଜ୍ୟସ୍ତରୀୟ ସାହିତ୍ୟ ପ୍ରତିଯୋଗିତାରେ କୋରାପୁଟ ଛାତ୍ରୀଙ୍କ ସଫଳତା



କୋରାପୁଟ,୧୬।୪(ସମିସ): ଓଡ଼ିଆ ପକ୍ଷ ଉପଲକ୍ଷେ ଆୟୋଜିତ ରାଜ୍ୟ ସ୍ତରୀୟ ସାହିତ୍ୟ ପ୍ରତିଯୋଗିତାରେ କୋରାପୁଟ ସରକାରୀ ଡିଏଭି ମହାବିଦ୍ୟାଳୟର ସ୍ନାତକୋତ୍ତର ପ୍ରଥମ ବର୍ଷ, ଓଡ଼ିଆ ବିଭାଗର ଛାତ୍ରୀ ଆକାଂକ୍ଷା ଚୌଧୁରୀ ପ୍ରଥମ ସ୍ଥାନ ଅଧିକାର କରି ଅବିଭକ୍ତ କୋରାପୁଟ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ଚଳିତ ବର୍ଷ ଓଡ଼ିଆ ପକ୍ଷ ଅବସରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସାହିତ୍ୟ ପ୍ରତିଯୋଗିତାରେ, ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ, ଜୟପୁର ତରଫରୁ ଭାଗନେଇ କ୍ଷୁଦ୍ରଗଳ୍ପ ଲିଖନ ପ୍ରତିଯୋଗିତାରେ ସମଗ୍ର ଓଡ଼ିଶାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏହି ଉପଲକ୍ଷେ ଓଡ଼ିଆ ନବବର୍ଷରେ ରାଜ୍ୟ ସରକାରଙ୍କ ପକ୍ଷରୁ ଓୟୁଏଟି, ଭୁବନେଶ୍ୱର ଠାରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପ- ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ମୁଖ୍ୟ ସଚିବ ଅନୁ ଗର୍ଗ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଆକାଂକ୍ଷାଙ୍କ ଏହି ସଫଳତା ପାଇଁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

# ପୁଣି ଏନ୍‌କେଟି ରୋଡର ମାପଚୂପ




ଜୟପୁର,୧୬।୪(ସମିସ): ଜୟପୁର ସହରର ମୁଖ୍ୟରାସ୍ତାକୁ ସଂଯୋଗ କରୁଥିବା ବ୍ୟସ୍ତବହୁଳ ନୀଳକଣ୍ଠେଶ୍ୱର ମନ୍ଦିର ରାସ୍ତା (ଏନକେଟି ରୋଡ) ଗତ ଏକ ବର୍ଷ ମଧ୍ୟରେ ଆଜି ପୁଣି ଦ୍ୱିତୀୟ ଥର ମାପଚୂପ କରାଯାଇଛି। ପୂର୍ବରୁ ଏନକେଟ ରୋଡ ପ୍ରବେଶପଥ (କଣ୍ଡରା ସାହି ଛକ) ରୁ ମଧୁମତି ହୋଟେଲ ପର୍ଯ୍ୟନ୍ତ ୩୦ ଫୁଟ ଓସାର ନେଇ ମାପଚୂପ ହୋଇଥିଲା। କିନ୍ତୁ ସେଠିକାର ବାସିନ୍ଦା ସ୍ଥାୟୀ ଏବଂ ସମସ୍ତ ପଟ୍ଟା ରହିଥିବା ଯୋଗୁଁ ଏଥିନେଇ ବାରମ୍ବାର ଅଭିଯୋଗ ପରେ ଏହାରୁ ପୁନଃବିଚାର କରାଯାଇ ଉକ୍ତ ରାସ୍ତାର ଓସାରକୁ ୨୭ ଫୁଟକୁ କମାଯାଇଛି। ରାସ୍ତାର ଦକ୍ଷିଣ ଦିଗ ପାଶ୍ୱର୍ରେ ରହିଥିବା ରାଜମହଲର ପାଚେରୀ ନିକଟରୁ ଉତ୍ତର ଦିଗକୁ ୨୭ ଫୁଟ ଓସାରର ମଧୁମତି ହୋଟେଲର ପର୍ଯ୍ୟନ୍ତ ମାପଚୂପ କରାଯାଇଥିବା ବେଳେ ସେଠାରୁ ପୁରଣାଗାଡ଼ ବାଇପାସ ରୋଡ ହନୁମାନ ମନ୍ଦିର ଛକ ପର୍ଯ୍ୟନ୍ତ ୪୦ ଫୁଟର ମାପଚୂପ କରାଯାଇଥିଲା। ଏଥିରେ ରାସ୍ତାର ମଧ୍ୟଭାଗରୁ ଉଭୟ ପଟେ ୨୦ ଫୁଟ ଲେଖାଏଁ ରାସ୍ତା ଓ ଡ୍ରେନ ରହିବ। ଗତବର୍ଷ ମେ ମାସ ୨୮ ତାରିଖରେ ମାପଚୂପ ହୋଇଥିଲା। ପୁଣି ଆଜି ମାପଚୂପ ହୋଇଛି। ତେଣୁ ଆଗାମୀ ଦିନରେ ରାସ୍ତା ଓସାର ନିମନ୍ତେ କଣ୍ଡରା ସାହିର କିଛି ଘରର ସମ୍ମୁଖ ଭାଗ ଭଙ୍ଗା ଯାଇ ରାସ୍ତା ଓ ଡ୍ରେନ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ସୂଚନା ମିଳିଛି। ଏହିପରି ଉକ୍ତ ରାସ୍ତା ନିର୍ମାଣ ଆଜି ପୂର୍ବାହ୍ନରେ ପ୍ରଶାସନ ପକ୍ଷରୁ ତହସିଲ ବିଭାଗର ରାଜସ୍ୱ ପରିଦର୍ଶକ ହରିହର ଶତପଥି, ଦିଲ୍ଲୀପ ପ୍ରଧାନ, ଜଣ ରାଜସ୍ୱ ନିରୀକ୍ଷକ ଏବଂ ପୌରସଂସ୍ଥା ପକ୍ଷରୁ ଅମିନ ଶୁଭସ୍ମିତା ଜେନା ଏବଂ ଅନ୍ୟାନ୍ୟ କର୍ମଚାରୀ ମାନେ ପୁଲିସ ଉପସ୍ଥିତିରେ ମିଳିତ ଭାବେ ମାପଚୂପ କରିଥିଲେ। ଏନ୍‌କେଟି ରୋଡର କଣ୍ଡରା ସାହି ଛକଠାରୁ ପୁରୁଣାଗଡ଼ ବାଇପାସ ରୋଡ ଛକ ପର୍ଯ୍ୟନ୍ତ ରାସ୍ତା ଓ ଡ୍ରେନ ନିର୍ମାଣ ନେଇ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ପକ୍ଷରୁ ଟେଣ୍ଡର କାର୍ଯ୍ୟ ଶେଷ ହୋଇଯାଇଥିବା ବେଳେ ପୁରୁଣାଗଡ ବାଇପାସ ରୋଡ ଛକ ଠାରୁ ଇନ୍ଦିରା ଛକ ପର୍ଯ୍ୟନ୍ତ ଏହି ରାସ୍ତାର ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। କିନ୍ତୁ ଇନ୍ଦିରା ଛକରୁ ପ୍ରାୟ ୮୦ ମିଟର ରାସ୍ତାରେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଭୂତଳ ଜଳପାଇପ ବିଛାଯାଇଥିବା ଯୋଗୁଁ ରାସ୍ତା କାର୍ଯ୍ୟ ବନ୍ଦ ରହିଛି। ଅନ୍ୟପକ୍ଷରେ ରାସ୍ତା ଓସାର ନିମନ୍ତେ ପାଶ୍ୱର୍ର ଘରଭଙ୍ଗା କାର୍ଯ୍ୟ ହୋଇନଥିବା ଯୋଗୁଁ ଡ୍ରେନ ଓ ରାସ୍ତା ଓସାର କାର୍ଯ୍ୟ ସ୍ଥଗିତ ରଖଯାଇଛି। ତେଣୁ ଏଥିନେଇ ପ୍ରଶାସନ ତୁରନ୍ତ ପଦକ୍ଷେପ ଗ୍ରହଣ ପୂର୍ବକୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ଉଭୟ ପାଶ୍ୱର୍ରେ ଡ୍ରେନ ନିର୍ମାଣ କରାଯିବା ସହିତ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ଭାରପ୍ରାପ୍ତ ପୌର ନିର୍ବାହୀ ଅଧିକାରୀ ପୂଜା ରାଉତ ପ୍ରକାଶ କରିଛନ୍ତି।

## ଜନଗଣନା ପାଇଁ ଘର ତାଲିକାକରଣ ଓ ନମ୍ବରିଂ ଶୁଭାରମ୍ଭ

କୋରାପୁଟ,୧୬।୪(ସମିସ): ବୁଧବାର ଠାରୁ କୋରାପୁଟ ଜିଲ୍ଲାରେ ଜନଗଣନା୨୦୨୭ର ପ୍ରାରମ୍ଭିକ ପର୍ଯ୍ୟାୟ "ଘର ତାଲିକାକରଣ ଓ ନମ୍ବରିଂ' କାର୍ଯ୍ୟ ଆରମ୍ଭ ହୋଇଛି। ସମସ୍ତ କାର୍ଯ୍ୟକ୍ରମ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହେଉଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ସମୟବଦ୍ଧ ଓ ନିଖୁଣ ଭାବରେ କାର୍ଯ୍ୟ ସମ୍ପାଦନ ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଓ ବ୍ୟବସ୍ଥା ଗ୍ରହଣ କରାଯାଇଛି। ୧୬ ଏପ୍ରିଲ୍ ଠାରୁ ୧୮ ଏପ୍ରିଲ୍ ପର୍ଯ୍ୟନ୍ତ ପ୍ରତିଘଣ୍ଟା ଆଧାରରେ ନମ୍ବରିଂ କରାଯାଇଥିବା ଘର ସଂଖ୍ୟା ସମ୍ବନ୍ଧୀୟ ତଥ୍ୟ ଜନଗଣନା କାର୍ଯ୍ୟାଳୟ, ଭୁବନେଶ୍ୱରକୁ ପ୍ରେରଣ କରାଯାଉଛି। ଏହା ମାଧ୍ୟମରେ କାର୍ଯ୍ୟର ପ୍ରଗତିକୁ ନିୟମିତ ଭାବେ ମନିଟରିଂ କରାଯାଉଛି ଓ ଆବଶ୍ୟକ ପଦକ୍ଷେପ ଗ୍ରହଣ କରଯାଉଛି। ଘର ନମ୍ବରିଂ କାର୍ଯ୍ୟ ସମୟରେ ବରିଷ୍ଠ ନୋଡାଲ୍ ଅଧିକାରୀମାନେ କ୍ଷେତ୍ର ପ୍ରଦର୍ଶନ କରି ଜନ ଗଣନା କାର୍ଯ୍ୟର ନିରୀକ୍ଷଣ କରୁଛନ୍ତି। ତହସିଲଦାର ଓ କାର୍ଯ୍ୟନିର୍ବାହୀ ଅଧିକାରୀମାନେ ମଧ୍ୟ ଉପସ୍ଥିତ ରହି କାର୍ଯ୍ୟର ଗୁଣାତ୍ମକତା ଓ ସଠିକତା ନିଶ୍ଚିତ କରୁଛନ୍ତି।

## ଟାଇମ୍ସ ଡିଗ୍ରୀ କଲେଜରେ ରକ୍ତଦାନ ଶିବିର




ଜୟପୁର,୧୫।୪(ସମିସ): ଜୟପୁର ବେଲ ରୋଡ଼ ସ୍ଥିତ ଟାଇମ୍ସ ଡିଗ୍ରୀ କଲେଜ ପକ୍ଷରୁ ଗତକାଲି ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିର ଛାତ୍ରଛାତ୍ରୀ ଓ କର୍ମଚାରୀମାନଙ୍କ ମଧ୍ୟରେ ସାମାଜିକ ଦାୟିତ୍ୱବୋଧ କାଯ୍ୟକରାଯାଇ ସମୁଦାୟ ୫୦ ୟୁନିଟ ରକ୍ତସଂଗ୍ରହ କରାଯାଇଥିଲା। ଏଥିରେ ଛାତ୍ରଛାତ୍ରୀମାନେ ବହୁତ ଉତ୍ସାହରେ ରକ୍ତଦାନ କରିଥିଲେ। କଲେଜର ଅଧ୍ୟକ୍ଷ ସୁଭାଶିଷ ତ୍ରିପାଠୀ, ଉପାଧ୍ୟକ୍ଷ ସ୍ନେହାଶିଷ ତ୍ରିପାଠୀ ଓ ସାଗରିକା ନାଗ ଉପସ୍ଥିତି ରହି କାର୍ଯ୍ୟ ସମ୍ପାଦିତ କରିଥିଲେ। ଅନ୍ୟାନ୍ୟ ଅଧ୍ୟାପକମାନେ ସହଯୋଗ କରିଥିଲେ। ରକ୍ତ ଭଣ୍ଡାର ଡା. ରିତିକ କୁମାର ପାଢ଼ୀ, କର୍ମଚାରୀ ଶ୍ରୀନାଥ ନିଆଳ ଦାନୀ, ଶଶୀ ଭୂଷଣ ସାହୁ ଓ ଦିନବନ୍ଧୁ ସାହୁ ଯୋଗଦେଇ ରକ୍ତାଦାତାଙ୍କ ଠାରୁ ରକ୍ତ ସଂଗ୍ରହ କରିଥିଲେ।

## ଆଦର୍ଶ ବିଦ୍ୟାଳୟ ଦୁଇ ଛାତ୍ରୀଙ୍କ ସଫଳତା



ନନ୍ଦପୁର, ୧୬।୪ (ସମିସ): ଓଡ଼ିଶା ଆଦର୍ଶ ବିଦ୍ୟାଳୟ ନନ୍ଦପୁରର ମୋଟ ୬୩ ଜଣ ପରୀକ୍ଷାର୍ଥୀ ଙ୍କ ମଧ୍ୟରୁ ୪୯ ଜଣ କୃତକାର୍ଯ୍ୟ ହୋଇଛନ୍ତି। ହେଲେ କୃତି ଛାତ୍ର ଛାତ୍ରୀଙ୍କ ମଧ୍ୟରୁ ଦୁଇ ଛାତ୍ରୀ ଲିପ୍ସା ପ୍ରିୟଦର୍ଶିନୀ ଓ ଚନ୍ଦନା ବେହେରା ଯଥାକ୍ରମେ ୯୩.୮ ଓ ୯୩.୨ ପ୍ରତିଶତ ନମ୍ବର ରଖି ନନ୍ଦପୁର ମାଟି ପାଇଁ ସୁନାମ ଅର୍ଜନ କରିଛନ୍ତି। ବିଦ୍ୟାଳୟର ଅଧ୍ୟକ୍ଷ ନନ୍ଦ ଖରା ପ୍ରଶିକ୍ଷଣ ଛଡା ସେମାନଙ୍କ ଅକ୍ଳାନ୍ତ ପରିଶ୍ରମ ଓ ଅଧ୍ୟବସାୟ ଦ୍ୱାରା ଏହି ସଫଳତା ପାଇଥିବା କହିଛନ୍ତି।

# ତୃତୀୟ ପଞ୍ଚାୟତ ସମିତି ବୈଠକ

ଲକ୍ଷ୍ମୀପୁର,୧୬।୪(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକରେ ଗତ ନିର୍ବାଚନ ଠାରୁ ଆଜି ପର୍ଯ୍ୟନ୍ତ ୩ଟି ପଞ୍ଚାୟତ ସମିତି ବୈଠକ ଆୟୋଜନ କରାଯାଇଛି। ତୃତୀୟ ବୈଠକରେ ବ୍ଲକ ଅଧ୍ୟକ୍ଷା ସୁୱାଇ କୁଲେସିକାଙ୍କ ସଭାପତିତ୍ୱରେ ଏବଂ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ଯୁବ ବିଧାୟକ ପବିତ୍ର ସାଉଁନ୍ତା ଯୋଗ ଦେଇ ଥିଲେ। ଏଥିରେ ଉପାଧ୍ୟକ୍ଷା ଆରତୀ କୁଲଦୀପ, ସାଂସଦ ପ୍ରତିନିଧି କୈଳାସ ଖୋସ୍ଲା, ଜିଲ୍ଲାପରିଷଦ ସଭ୍ୟା ପିଙ୍କି ହିମେରିକା, ବିଡିଓ ସବ୍ୟସାଚୀ ବେହେରା, ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଅଭିଷେକ ଷଡ଼ଙ୍ଗୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବ୍ଲକର ୧୩ଟି ପଞ୍ଚାୟତରେ ଥିବା ପ୍ରତି ଗାଁରେ ସବୁ ବିଭାଗର କାର୍ଯ୍ୟ ଉପରେ ପ୍ରଶ୍ନ କରାଯାଇଥିଲା। ସବୁ ବିଷୟ ଉପରେ ବିଧାୟକ ଲିଖିତ ଭାବେ ରଖି ତାହା କିପରି ତୁରନ୍ତ କାର୍ଯ୍ୟକାରୀ କରିବାକୁ ପରାମର୍ଶ ଦେଇଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ, ଉଦ୍ୟାନ, କୃଷି, ବନ ବିଭାଗର କାର୍ଯ୍ୟ ଉପରେ ପ୍ରଶ୍ନ କରାଯାଇ ଥିଲା। ବିଭାଗରେ ଯାହା ସବୁ ତ୍ରୁଟି ରହିଛି, ସବୁ କିପରି ସମାଧାନ ହେବ ସେଥିପାଇଁ ବିଡିଓ ମଧ୍ୟ ପରାମର୍ଶ ଦେଇଥିଲେ। ସମସ୍ତ ବିଷୟ ଉପରେ ପୁଙ୍ଖାନୁପୁଙ୍ଖ ଭାବରେ ସମିତି ବୈଠକରେ ଆଲୋଚନା କରାଯାଇଥିଲା।

● ତହସିଲ-କୋର୍ଟ ପରିସରରେ ମୌଳିକ ସୁବିଧା ଅଭାବ

# ଶୌଚାଳୟରେ ତାଲା, ମହିଳା ହନ୍ତସନ୍ତ



ମୁନିଗୁଡ଼ା, ୧୬।୪(ସମିସ): ରାୟଗଡ଼ା ଜିଲ୍ଲା ମୁନିଗୁଡା ଠାରେ ଅବସ୍ଥିତ ତହସିଲ କାର୍ଯ୍ୟାଳୟ ଓ କୋର୍ଟ ପରିସରରେ ମୌଳିକ ସୁବିଧାର ଗୁରୁତର ଅଭାବ ଦେଖାଦେଇଛି। ପ୍ରତିଦିନ ଜମିଜମା, ରେଭେନ୍ୟୁ ଓ ବିଭିନ୍ନ ଆଇନ ସମ୍ବନ୍ଧୀୟ କାମ ପାଇଁ ଆସୁଥିବା ଲୋକମାନେ ପାନୀୟ ଜଳ ଓ ଶୌଚ ସୁବିଧା ନଥିବାରୁ ଭାରି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପରିସର ଭିତରେ ନିର୍ମିତ ପୁରୁଷ ଓ ମହିଳା ଶୌଚାଳୟ ଦୀର୍ଘଦିନ ଧରି ବନ୍ଦ ଅବସ୍ଥାରେ ରହିଛି। ତାଲା ପଡ଼ିଥିବାରୁ ଏହାର ବ୍ୟବହାର ସମ୍ଭବ ହେଉନାହିଁ। ବିଶେଷକରି ବିକଳ୍ପ ବ୍ୟବସ୍ଥା ନଥିବାରୁ ଅଧିକ ଅସୁବିଧା ଭୋଗୁଛନ୍ତି। ଏହା ସହ ପରିସରରେ ଥିବା ନଳକୂପ ଅଚଳ ହୋଇପଡ଼ିଥିବାରୁ ପାନୀୟ ଜଳ ପାଇଁ ଲୋକମାନେ ଏପଟ ସେପଟ ଘୁରିବାକୁ ବାଧ୍ୟ ହେଉଛନ୍ତି। ଦିନକୁ ଦିନ ଏହି ସମସ୍ୟା ଗୁରୁତର ରୂପ ନେଉଥିବାରୁ ସାଧାରଣ ଲୋକଙ୍କ ଅସନ୍ତୋଷ ବଢ଼ୁଛି। ଏନେଇ ମୁନିଗୁଡା ତହସିଲଦାର ଏମ. ଅନୁରାଧାଙ୍କୁ ପଚାରିବାରୁ, ଶୌଚାଳୟଗୁଡ଼ିକ ଦୀର୍ଘଦିନ ଧରି ବ୍ୟବହାର ହେଉନଥିବାରୁ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା କାରଣରୁ ତାଲା ପଡ଼ିଥିବା କହିଛନ୍ତି। ତେବେ ସ୍ଥାନୀୟ ଲୋକ ଓ ଆସୁଥିବା ଆବେଦକମାନେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରି ଶୀଘ୍ର ପାନୀୟ ଜଳ ଓ ଶୌଚାଳୟ ସୁବିଧା ପୁନଃସ୍ଥାପନ କରିବାକୁ ଦାବି କରିଛନ୍ତି। ତହସିଲ ଓ କୋର୍ଟ ଭଳି ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟାଳୟରେ ଏପରି ଅବସ୍ଥା ପ୍ରଶାସନୀୟ ଅବହେଳାକୁ ସ୍ପଷ୍ଟ କରୁଥିବାରୁ ଶୀଘ୍ର ପଦକ୍ଷେପ ନିଆଯିବାକୁ ସାଧାରଣରେ ଦାବି ହେଉଛି।

## ଓଡ଼ିଶା କ୍ରୀଡ଼ା ମହକୁମ୍ଭ ମୁଖ୍ୟମନ୍ତ୍ରୀ କପ୍ ଭଲିବଲ୍

# କବାଡ଼ି, ଫୁଟବଲ୍ ଓ ଖୋକୋ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ




ନବରଙ୍ଗପୁର,୧୬।୪(ସମିସ): ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା କ୍ରୀଡ଼ା ସଂଘର ମିଳିତ ଆନକୂଲ୍ୟରେ ରାଜ୍ୟସ୍ତରୀୟ ୧୪ ଏବଂ ୧୬ ବର୍ଷରୁ କମ୍ ମୁଖ୍ୟମନ୍ତ୍ରୀ କପ୍ ଭଲିବଲ୍, କବାଡି, ଫୁଟବଲ୍ ଏବଂ ଖୋକ ଟୁର୍ଣ୍ଣାମେଣ୍ଟ ନବରଙ୍ଗପୁର ଷ୍ଟାଡିୟମ୍ ଠାରେ ଆରମ୍ଭ ହୋଇଛି। ଏହି ଅବସରରେ ଜିଲ୍ଲା କ୍ରୀଡା ସଂଘର ସମ୍ପାଦକ ପ୍ରହ୍ଲାଦ ତ୍ରିପାଠୀଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ଯୋଗ ଦେଇ କ୍ରୀଡ଼ାକୁମ୍ଭକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବରେ କ୍ରୀଡା ସଂଘର ଉପ ସଭାପତି ଏମ. ବାଲା କ୍ରୀଷ୍ଣା ରାଓ, ସହ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ, ଜିଲ୍ଲା କ୍ରୀଡା ଅଧିକାରୀ ସତ୍ୟଜିତ ଗହଣା, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ପ୍ରଭାତ ପଟ୍ଟନାୟକ, ବରିଷ୍ଠ କ୍ରୀଡ଼ାବିତ୍ ଅଂଶୁମାନ ତ୍ରିପାଠୀ, ସଂଘର ବରିଷ୍ଠ ସଦସ୍ୟ ଶଶାଙ୍କ ଶେଖର ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ସୂଚନା ଯୋଗ୍ୟ ଯେ ଭଲିବଲ୍, ଖୋକା, କବାଡି ଏବଂ ଫୁଟବଲ୍ ବିଭାଗରେ ଜିଲ୍ଲାର ଉଭୟ ବରିଷ୍ଠ ଏବଂ କନିଷ୍ଠ ବର୍ଗର ୧୦ଟି ବାଳକ ଏବଂ ୬ ବାଳିକା ଦଳ ଭାଗ ନେଉଛନ୍ତି। ଜିଲ୍ଲାର ମଙ୍ଗଳ ବିଭାଗ ଏବଂ ଶିକ୍ଷା ବିଭାଗର କ୍ରୀଡା ଶିକ୍ଷକ, ଶିକ୍ଷୟିତ୍ରୀ ମାନେ ଖେଳକୁ ପରିଚାଳନା କରିଛନ୍ତି। କ୍ରୀଡା ସଂଘର ସଦସ୍ୟ ଦୁର୍ଯ୍ୟ ହରିଜନ, ଜି . ଚନ୍ଦ୍ର ଶେଖର ରାଜା, ହରିଶ୍ଚନ୍ଦ୍ର ସାନ୍ତା, ଅଜିତା ଦାସ ପ୍ରମୁଖ ସହଯୋଗ କରୁଛନ୍ତି। ଆସନ୍ତା ୨୩ ତାରିଖରେ ଏ ସମସ୍ତ ଖେଳ ଉଦ୍‌ଯାପନ ହେବ ବୋଲି ସଂଘର କ୍ରିକେଟ ସମ୍ପାଦକ ଅଶୋକ ନାୟକ ସୂଚନା ଦେଇଛନ୍ତି।

# ଶ୍ରୀ ଚୈତନ୍ୟ ଟେକ୍ନୋ ସ୍କୁଲର ସଫଳତା




ରାୟଗଡ଼ା,୧୬।୪(ସମିସ): ସିବିଏସଇ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ଶତପ୍ରତିଶତ ପାସ୍ ହୋଇଛନ୍ତି ରାୟଗଡ଼ା ଶ୍ରୀ ଚୈତନ୍ୟ ଟେକ୍ନୋ ସ୍କୁଲର ଛାତ୍ରଛାତ୍ରୀ ମାନେ । ଲଗାତାର ତିନି ବର୍ଷ ହେବ ଦଶମ ଶ୍ରେଣୀ ପରୀକ୍ଷାରେ ଶତପ୍ରତିଶତ ପାସ୍ ରାୟଗଡ଼ ଜିଲ୍ଲାର ପ୍ରଥମ ସ୍କୁଲ ଶ୍ରୀ ଚୈତନ୍ୟ ଟେକ୍ନୋ ସ୍କୁଲରେ ହୋଇଥିବା ଅନୁଷ୍ଠାନର କର୍ତ୍ତୃପକ୍ଷ କହିଛନ୍ତି । ଏହି ଅବସରରେ ପ୍ରିନ୍ସିପାଲ ନନ୍ଦିତା ବାନାର୍ଜୀ ଆଜି ଛାତ୍ର ଛାତ୍ରୀ ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀଙ୍କ ସହ ଉତ୍ସବ ପାଳନ କରିଥିଲେ । ଏହି ସଫଳତା ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନଙ୍କ ପରିଶ୍ରମର ଫଳ ବୋଲି କହିଛନ୍ତି ।

### ସୁନାବେଡ଼ା ପୌର ପରିଷଦରେ ପରିମଳ ଟେଣ୍ଡରର ଅନିୟମିତା

# କଳା ତାଲିକାଭୁକ୍ତ ସଂସ୍ଥା ପ୍ରତି ଅନୁକମ୍ପା ଅଭିଯୋଗ

କୋରାପୁଟ,୧୬।୪ (ସମିସ): ସୁନାବେଡ଼ା ପୌର ପରିଷଦ ପରିମଳ ଟେଣ୍ଡର ପ୍ରକ୍ରିୟାରେ ଅନିୟମିତତା ଅଭିଯୋଗ ଆସିଥିବା ବେଳେ କଳା ତାଲିକା ଭୁକ୍ତ ଠିକା ସଂସ୍ଥା ପ୍ରତି ଅହେତୁକ ଅନୁକମ୍ପା ଅଭିଯୋଗ ହୋଇଛି । କଳା ତାଲିକାଭୁକ୍ତ ଠିକା ସଂସ୍ଥାକୁ ଅହେତୁକ ଅନୁକମ୍ପା ଦେଖାଇ ଟେଣ୍ଡରରେ ଭାଗନେବାକୁ କର୍ତ୍ତୃପକ୍ଷ ଅନୁମତି ଦେବା ବର୍ତ୍ତମାନ ଚର୍ଚ୍ଚାର ବିଷୟ ହୋଇଛି । ବେନିୟମ ଭାବେ ସମ୍ପୃକ୍ତ ଠିକାସଂସ୍ଥାକୁ ସହାନୁଭୂତି ଦେଇ ମୁନାଫା ପାଇବା ଲାଗି ଯୋଗ୍ୟ ଆବେଦନକାରୀଙ୍କୁ ଉପେକ୍ଷା କରାଯାଇଛି । ଏଭଳି ଅଭିଯୋଗ ଆଣି ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି ଏଲ୍ଏଣ୍ଡ୍କେ ସର୍ଭିସ, ଭୁବନେଶ୍ୱରର ସୁମିତ୍ ସିକ୍ୟୁରିଟି, କଟକର ନିରାକାରା ସିକ୍ୟୁରିଟି ଏବଂ ଏଲ୍କେ ଆସୋସିଏଟ୍ ପ୍ରମୁଖ । ଜିଲ୍ଲାପାଳଙ୍କ ଠାରୁ ଆରମ୍ଭକରି ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ସେମାନେ ଲିଖିତ ଭାବେ ଜଣାଇଛନ୍ତି । ସୁନାବେଡ଼ା ପୌର ପରିଷଦରେ ବିକାଶ"ନାଁରେ ବ୍ୟାପକ ଅର୍ଥ ହେରଫେର ଓ ଦୁର୍ନୀତି ହୋଇଥିବା ବିଭିନ୍ନ ସମୟରେ ଅଭିଯୋଗ ହୋଇଆସିଛି । ଉପରୋକ୍ତ ଠିକା ସଂସ୍ଥା ଗୁଡ଼ିକ କରିଥିବା ଅଭିଯୋଗ ଅନୁଯାୟୀ, କେତେକ ଅଧିକାରୀ ଏବଂ କର୍ମଚାରୀ ନିଜ ସ୍ୱାର୍ଥ ପାଇଁ ପରିମଳ ଟେଣ୍ଡରରେ ଅନିୟମିତା ଓ ପକ୍ଷପାତିତା କରିଛନ୍ତି । ଏହି ଟେଣ୍ଡର ପ୍ରକ୍ରିୟାରେ କେନ୍ଦ୍ର ସରକାରଙ୍କ ଶ୍ରମ ଆଇନକୁ ଉଲଂଘନ କରାଯାଇଛି । ସୁନାବେଡ଼ା ପୌର ପରିଷଦରେ ପରିମଳ ଟେଣ୍ଡର ନେଇ ପ୍ୟାକେକ-୧ ଓ ପ୍ୟାକେଜ-୨ କରି ଦୁଇଭାଗରେ ୨ଟି ଟେଣ୍ଡର ବିଜ୍ଞପ୍ତି ପ୍ରକାଶ ପାଇଥିଲା । ପ୍ୟାକେଜ ୧ରେ ୯ ଟି ଠିକାସଂସ୍ଥା ଆବେଦନ କରିଥିବାବେଳେ ପ୍ୟାକେଜ-୨ରେ ୭ ଜଣ ଆବେଦନ କରିଥିଲେ । ଟେଣ୍ଡର ଖୋଲାଯିବା ପରେ ଯାଞ୍ଚ କରାଯାଇ ପ୍ୟାକେଜ୍-୧ରେ ୩ଟି ସଂସ୍ଥାକୁ କଳାତାଲିକା କରିବା ସହ ୬ ଗୋଟି ଠିକା ସଂସ୍ଥାକୁ ଟେଣ୍ଡର ପକ୍ରିୟାରେ ଭାଗ ନେବାକୁ ଅନୁମିତି ଦିଆଯାଇଥିଲା । ସେହିପରି ପ୍ୟାକେଜ-୨ରେ ୭ସଂସ୍ଥା ମଧ୍ୟରୁ ୪ ଜଣଙ୍କୁ ଭାଗ ନେବାକୁ ଦିଆ ଯାଇଥିଲା । ସେ ମଧ୍ୟରୁ ପୌର କର୍ତ୍ତୃପକ୍ଷ ନିଜ ଇଚ୍ଛାରେ ୨ଟି ଠିକା ସଂସ୍ଥାକୁ ସୀକୃତି ଦେବାକୁ ଯୋଜନା କରୁଥିବା ଜଣା ପଡ଼ିଛି । ପ୍ୟାକେଜ -୧ ଟେଣ୍ଡରରେ ଏହି ଦୁଇ ସଂସ୍ଥା ଫାଇନାନ୍ସିଆଲ ବିଡରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ସେହିପରି ଏହି ଦୁଇ ସଂସ୍ଥା ହିଁ ପ୍ୟାକେଜ-୨ରେ ମଧ୍ୟ ଉତ୍ତୀର୍ଣ୍ଣ ହୋଇଛନ୍ତି । କିଛିବର୍ଷ ପୂର୍ବେ ସୁନାବେଡ଼ା ହାଲ୍ କାରଖାନା ବିଭାଗ ଦ୍ୱାରା ବେଆଇନ୍ ଅର୍ଥ କାରବାରକୁ ନେଇ କେତେକ ଠିକାଦାରଙ୍କୁ କଳା ତାଲିକା ଭୁକ୍ତ କରାଯାଇଥିଲାବେଳେ ସେହି ସଂସ୍ଥା ପୌର ପରିଷଦ ଟେଣ୍ଡର ପାଇଛନ୍ତି । ବର୍ତ୍ତମାନ କିପରି ସେହି କଳାତାଲିକା ଭୁକ୍ତ ଠିକା ସଂସ୍ଥାକୁ ପରିମଳ ବିଭାଗ ଦ୍ୱାରା ଟେଣ୍ଡର ପ୍ରକ୍ରିୟାରେ ଭାଗନେବାକୁ ଦିଆଗଲା ତାହା ତଦନ୍ତ ସାପେକ୍ଷ । ଏ ପର୍ଯ୍ୟନ୍ତ ଟେଣ୍ଡରର ଫଳାଫଳ ପ୍ରକାଶ କରିନି ପୌର ପରିଷଦ । ଏ ସମ୍ପର୍କରେ ଜିଲ୍ଲା ଡୁଡ଼ା ପିଡି ତପନ କୁମାର ନାୟକଙ୍କୁ ପଚାରିବାରୁ କହିଛନ୍ତି, ସେ ଏହି ବିଷୟରେ ଆଗରୁ ସୂଚନା ପାଇଛନ୍ତି । ତାହାର ତଦନ୍ତ କରିବା ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯିବ । ଯାଞ୍ଚ ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ।

# ଓଡ଼ିଶା ରାଜ୍ୟ ଶିଶୁ ଅଧିକାରୀ ସୁରକ୍ଷା ଆୟୋଗ ଅଧ୍ୟକ୍ଷଙ୍କ କୋଟିଆ ଗସ୍ତ



ପଟ୍ଟାଙ୍ଗି,୧୬।୪(ସମିସ): ଓଡ଼ିଶା ଆନ୍ଧ୍ର ମଧ୍ୟରେ ବିବାଦ ଲାଗି ରହିଥିବା କୋଟିଆ ଗସ୍ତରେ ଆସିଥିଲେ ଓଡିଶା ରାଜ୍ୟ ଶିଶୁ ଅଧିକାରୀ ସୁରକ୍ଷା ଆୟୋଗ ଅଧକ୍ଷ ବବିତା ପାତ୍ର । ସେ ଶିଶୁ ବିଭାଗର ବିଭିନ୍ନ କାର୍ଯ୍ୟାଳୟ ଗସ୍ତ କରିବା ସହ ତଦାରଖ କରିଥିବା ନେଇ ଜଣାପଡିଛି । ସୂଚନା ଅନୁଯାୟୀ, ଓଡିଶା ରାଜ୍ୟ ଶିଶୁ ଅଧିକାରୀ ସୁରକ୍ଷା ଆୟୋଗ ଅଧକ୍ଷ ବବିତା ପାତ୍ର କୋଟିଆ ଗସ୍ତରେ ପହଞ୍ଚି ଥିଲେ । ତାଙ୍କୁ ଢେମସା ନୃତ୍ୟ ତାଳେ ତାଳେ ଭବ୍ୟ ସ୍ୱାଗତ କରାଯାଇଥିଲା । ଶିଶୁ ସମ୍ବନ୍ଧୀୟ କୌଣସି ମଧ୍ୟ ସମସ୍ୟା ରହିଥିଲେ, ହେଲ୍ପଲାଇନ ନମ୍ବରରେ ଯୋଗାଯୋଗ କରିବା ନିମନ୍ତେ କହିଥିଲେ । ନିର୍ଭୀକ ଭାବେ ବିଦ୍ୟାର୍ଜନ କରିବା ନେଇ ଛାତ୍ର ଛାତ୍ରୀ ଙ୍କୁ ଉପଦେଶ ଦେଇଥିଲେ ଏବଂ ହଷ୍ଟେଲ, ଖାଦ୍ୟ ବ୍ୟବସ୍ଥା, କାର୍ଯ୍ୟାଳୟ ଠାରେ ଥିବା ରେଜଷ୍ଟର ଦେଖିଥିଲେ । କୋଟିଆର ଅଙ୍ଗନବାଡି କେନ୍ଦ୍ରରେ ପହଞ୍ଚି ଥିଲେ । ଏହାପରେ ଆଦର୍ଶ ବିଦ୍ୟାଳୟ କୋଟିଆରେ ପହଞ୍ଚି ପିଲାମାନଙ୍କ ସହ ଆଲୋଚନା କରିଥିଲେ । ସେଠାରେ ରହିଥିବା ଅବ୍ୟବସ୍ଥା ନେଇ ଅବଗତ ହେବା ସହ ଉକ୍ତ ସମସ୍ୟା ଗୁଡିକର ସମାଧାନ କରାଯିବ ବୋଲି କହିଥିବା ନେଇ ଜଣାପଡିଛି । ଉକ୍ତ ସମୟରେ ପଟ୍ଟାଙ୍ଗି ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାମକୃଷ୍ଣ ନାୟକ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ରହିଥିବା ଦେଖିବାକୁ ମିଳିଛି ।

# ହିନ୍ଦୁ ଏକତା ବାହିନୀର ବିରାଟ ଶୋଭାଯାତ୍ରା

ନବରଙ୍ଗପୁର,୧୬।୪(ସମିସ) : ପବିତ୍ର ହନୁମାନ ଜୟନ୍ତୀ ବା ଓଡ଼ିଆ ହିନ୍ଦୁ ନବବର୍ଷ ବା ପଣା ସଂକ୍ରାନ୍ତି ପାଳନ ଅବସରରେ ନବରଙ୍ଗପୁର ଜିଲ୍ଲା ହିନ୍ଦୁ ଏକତା ବାହିନୀ ପକ୍ଷରୁ ବିଶାଳ ଶୋଭାଯାତ୍ରାରେ ମହାରାଷ୍ଟ୍ର ୱାର୍ଦ୍ଧା ରୁ ଢୋଲତାସା, ଛତିଶଗଡ ରାୟପୁରରୁ ଅଘୋରି ନୃତ୍ୟ, ଛତିଶଗଡ ଦୁର୍ଗ ର ଝାଙ୍କି, ବିଭିନ୍ନ ମନ୍ଦିର ଆକୃତିର ରଥ, ୩ ଡିଜେ, ଅଖାଡା, ନବରଙ୍ଗପୁର ଅଖପାଖ ଅଞ୍ଚଳରୁ ବହୁ ସଂକୀର୍ତ୍ତ ମଣ୍ଡଳୀ ସାମିଲ ହୋଇଥିଲେ । ଶ୍ରୀଜଗନ୍ନାଥ ମନ୍ଦିର ସମ୍ମୁଖରେ ନବରଙ୍ଗପୁର ରାଜ ପୁରୋହିତ ନରସିଂହ ନାଥ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ନବରଙ୍ଗପୁର ବାବା ଆଖଣ୍ଡଳମଣି ମନ୍ଦିର ମୁଖ୍ୟ ପୂଜକ ବାବୁଲା ତ୍ରିପାଠୀଙ୍କ ଦ୍ୱାରା ଶ୍ରୀରାମଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ମହା ଆରତୀ କରାଯାଇଥିଲା । ଶୋଭାଯାତ୍ରାରେ ୪୫ ହଜାରରୁ ଅଧିକ ଲୋକ ସାମିଲ ହୋଇଥିଲେ । ନବରଙ୍ଗପୁର ପୋଲିସ ପ୍ରଶାସନର ମହିଳା ଏବଂ ପୁରୁଷ ପୋଲିସ ଅଧିକାରୀ ଏବଂ କର୍ମଚାରୀଙ୍କ ସମ୍ପୂର୍ଣ୍ଣ ସହଯୋଗରେ ଏହି କାର୍ଯ୍ୟକ୍ରମ ଶାନ୍ତି ଶୃଙ୍ଖଳାର ସହିତ ପାଳିତ ହୋଇଥିବା ଦେଖିବାକୁ ମିଳିଥିଲା ।

■ ଜୟପୁର କ୍ରିକେଟ ଲିଗ

# ପ୍ରଥମ କ୍ୱାଟର ଫାଇନାଲରେ ଜଗନ୍ନାଥ ଜିଆଣ୍ଟସ ଦଳ ବିଜୟ

ଜୟପୁର, ୧୬।୪(ସମିସ): ଜୟପୁର କ୍ରିକେଟ ଲିଗର ଆଜି ପ୍ରଥମ କ୍ୱାଟର ଫାଇନାଲ ମ୍ୟାଚରେ ପ୍ରଥମେ ଜଗନ୍ନାଥ ଜିଆଣ୍ଟସ ଦଳ ବ୍ୟାଟିଂ ଆରମ୍ଭ କରି ନିର୍ଦ୍ଧାରିତ ୧୫ ଓଭରରେ ୬ଟି ୱିକେଟ ହରାଇ ୧୮୪ ରନ ସଂଗ୍ରହ କରିଥିଲେ । ବିଜୟ ଲକ୍ଷ୍ୟ ନେଇ ପ୍ରତିପକ୍ଷ ଜୟପୁର ଜାଗୁଆର ଦଳ ନିର୍ଦ୍ଧାରିତ ୧୫ ଓଭରରେ ୬ଟି ୱିକେଟ ହରାଇ ୧୬୯ ରନ ସଂଗ୍ରହ କରିବା ସହିତ ପରାଜିତ ହୋଇଥିଲେ ଏବଂ ସିଧାସଳଖ ଫାଇନାଲ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି । ସେହିପରି ୨ୟ ଏଲିମିନେଟ ମ୍ୟାଚରେ ଆୟୋଜକ ଇଭିନିଂ କ୍ଲବ ଦଳ ପ୍ରଥମେ ବ୍ୟାଟିଂ କରିବା ସହିତ



୧୫ ଓଭରରେରେ ୯ ଟି ୱିକେଟ ହରାଇ ୧୫୫ ରନ ସଂଗ୍ରହ କରିବାକୁ ସମର୍ଥ ହୋଇଥିଲେ । ପ୍ରତିପକ୍ଷ ବିଶ୍ୱନାଥ ସୁପର ଷ୍ଟାଇକସ ଦଳ ମାତ୍ର ୧୧ .୫ ଓଭରରେ ୧୫୭ ରନ ସଂଗ୍ରହ କରି ବିଜୟୀ ହୋଇଥିଲେ । ପ୍ରଥମ ମ୍ୟାଚରେ ମନୋଜ ଏବଂ ଦ୍ୱିତୀୟ ମ୍ୟାଚରେ ସାଗର ବେହେରା ମ୍ୟାନ ଅଫ ଦି ମ୍ୟାଚ ଭାବେ ଯୋଗ୍ୟ ବିବେଚିତ ହୋଇଥିଲେ । ଏମ୍ପାୟର ଭାବେ ଅନିଲ କୁମାର ଓ ଦିଲୀପ ବେହେରା, ଏସ ଲୋହିତ, ରାଜେନ୍ଦ୍ର ମ୍ୟାଚକୁ ପରିଚାଳନା କରିଥିଲେ ।

# ଛାତ୍ରାବାସରୁ ଅଷ୍ଟମ ଶ୍ରେଣୀ ଛାତ୍ରଙ୍କ ଝୁଲନ୍ତା ଶବ ଉଦ୍ଧାର

ଉମରକୋଟ,୧୬।୪ (ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଭାମିନୀ ପଞ୍ଚାୟତର ସରକାରୀ ଉଚ୍ଚ ବିଦ୍ୟାଳୟ ଆଶ୍ରମ ଠାରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ଜଣେ ଅଷ୍ଟମ ଶ୍ରେଣୀ ଛାତ୍ର ଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି । ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ବେଳେ ଜିଲ୍ଲାରେ ଛାତ୍ରାବାସରେ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଛି । ମୃତ ଛାତ୍ର ଜଣକ ହେଲେ ଉମରକୋଟ ଥାନା ଅନ୍ତର୍ଗତ ବଡକୁମାରୀ ଗ୍ରାମର ପରମେଶ୍ୱର ଭତ୍ରାଙ୍କ ପୁଅ ପ୍ରଶାନ୍ତ ଭତ୍ରା (୧୨) । ମାତ୍ର ଦୁଇଦିନ ତଳେ ସେ ଘରୁ ହଷ୍ଟେଲକୁ ଆସିଥିଲେ । ଆଜି ତାଙ୍କର ଝୁଲନ୍ତା ମୃତଦେହ ମିଳିଛି । ତାଙ୍କର ମୃତ୍ୟୁର କାରଣ ଜଣାପଡିନାହିଁ ନାହିଁ। ଆଶ୍ରମରେ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଏହି ଆଶ୍ରମରେ ୫୨୯ ଛାତ୍ର ବର୍ତ୍ତମାନ ରହୁଛନ୍ତି । ବାପା ପରମେଶ୍ୱର ଭତ୍ରା କହିବା ଅନୁସାରେ ପୁଅ ଗୋଟେ ଝିଅ ଗୋଟେ । ପୁଅ ଅଷ୍ଟମ ଶ୍ରେଣୀରେ ପଢୁଥିଲା । ପୁଅ ଆଗରୁ ଉମରକୋଟ ଆଦର୍ଶ ବିଦ୍ୟାଳୟରେ ସପ୍ତମ ଶ୍ରେଣୀରେ ପଢୁଥିଲା । ସପ୍ତମ ପାସ ହେବା ପରେ ଭାମିନୀ ଆଶ୍ରମ ବିଦ୍ୟାଳୟ ନାମ ଲେଖାଇଥିଲେ । ସୋମବାର ଦିନ ଭାମିନୀ ସରକାରୀ ଉଚ୍ଚ ବିଦ୍ୟାଳୟ ଆଶ୍ରମ ଠାରେ ବାପା ଓ ମାଁ ଦୁହେଁ ମିଶି ପ୍ରଶାନ୍ତକୁ ନେଇ ଛାଡ଼ିଥିଲେ । ଆଶ୍ରମରେ ଛାତ୍ରର ମୃତ୍ୟୁ ଘଟଣା ଜାଣିବା ପରେ ସମ୍ପ୍ରସାରଣ ଅଧିକାରୀ, ବିଇଓ , ଅତିରିକ୍ତ ତହସିଲଦାର, ଏସଡିପିଓ ଶୁଭେନ୍ଦୁ ଶବର, ଥାନା ଅଧିକାରୀ ବିପିନ କୁମାର ବାଘ ଓ ସାଇଟିଫିକଟିମ ପହଞ୍ଚି ତଦନ୍ତ କରିଥିଲେ । ପରେ ସମସ୍ତଙ୍କ ଉପସ୍ଥିତିରେ ଶବକୁ ଓହ୍ଲାଇ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଶବ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା । ଏନେଇ ପରିବାର ଲୋକଙ୍କ ପକ୍ଷରୁ ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରାଯାଇଛି । ଶବ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି । ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛନ୍ତି ।

# ବିଭିନ୍ନ ବିଦ୍ୟାଳୟରେ ସିବିଏସଇ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ସଫଳତା



ଜୟପୁର,୧୬।୪(ସମିସ) : କୋରାପୁଟ ଜିଲ୍ଲା ଜୟପୁର ସହର ଏବଂ ଆଖପାଖ ଗ୍ରାମାଞ୍ଚଳର ବିଦ୍ୟାଳୟର କେନ୍ଦ୍ରୀୟ ବୋର୍ଡ ଅଫ ସେକେଣ୍ଡରୀ ଏଜୁକେଶନର ଦଶମ ଶ୍ରେଣୀ ପରୀକ୍ଷା ବିଭିନ୍ନ ସରକାରୀ ଓ ବେସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସଫଳତା ଦେଖିବାକୁ ମିଳିଛି । ଜୟପୁର ବ୍ଲକ ଜୟନ୍ତୀଗିରି ସ୍ଥିତ ସରକାରୀ ଆଦର୍ଶ ବିଦ୍ୟାଳୟର ସମୁଦାୟ ୬୪ ଜଣ ଛାତ୍ର ଛାତ୍ରୀ ପରୀକ୍ଷା ଦେଇଥିଲେ ଏବଂ ୬୦ ଜଣ ପାସ କରିଛନ୍ତି । ସେଥିମଧ୍ୟରୁ ପ୍ରଥମ ଶ୍ରେଣୀରେ ୩୦ ଜଣ, ଦ୍ୱିତୀୟ ଶ୍ରେଣୀରେ ୧୫ ଜଣ, ତୃତୀୟ ଶ୍ରେଣୀ ୧୫ ଜଣ ରହିଛନ୍ତି ଏବଂ ୨ଜଣ ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖିଥିବା ବେଳେ ୯୪.୪ ପ୍ରତିଶତ ନମ୍ବର ରଖି ଟପର ରହିଛନ୍ତି । ସେହିପରି ନାରାୟଣୀ ବିଦ୍ୟାଳୟରେ ସମୁଦାୟ ୭୬ଜଣ ଛାତ୍ରଛାତ୍ରୀ ପାସ କରିଥିବା ବେଳେ ୪୦ ଜଣ ପ୍ରଥମ ଶ୍ରେଣୀ, ୧୮ ଜଣ ଦ୍ୱିତୀୟ ଶ୍ରେଣୀରେ ରହିଛନ୍ତି । ୯୦ ପ୍ରତିଶତ ଊର୍ଦ୍ଧ୍ୱ ୫ ଜଣ ରହିଛନ୍ତି । ଛାତ୍ରୀ ଟି. ଜାଗୃତି ୯୬ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟର ଟପ୍ପର ରହିଛନ୍ତି । ମଡେର୍ଣ୍ଣ ଇଂଲିଶ ବିଦ୍ୟାଳୟର ଶତ ପ୍ରତିଶତ ସଫଳତା ମିଳିଛି ଏଥିରେ ୨୧ ଜଣ ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖିଛନ୍ତି । ଛାତ୍ରୀ ଜୁନେରା ତବସୁନ ୯୮.୨ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟର ଟପ୍ପର ହୋଇଛନ୍ତି । ଡିଏଭଭି ବିଦ୍ୟାଳୟରେ ୧୪୭ ଜଣଙ୍କ ମଧ୍ୟରୁ ୧୧୯ ଜଣ ଛାତ୍ରଛାତ୍ରୀ ପାସ କରିଛନ୍ତି । ବିଜ୍ଞାନ ଇଣ୍ଟର ନ୍ୟାସନାଲ ବିଦ୍ୟାଳୟର ୩୩ ଜଣ ଛାତ୍ରଛାତ୍ରୀ ପାସ କରିଥିବା ବେଳେ ୩ ଜଣ ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖି ପାସ ହୋଇଛନ୍ତି । ଛାତ୍ରୀ ଅପୁର୍ବା ତ୍ରିପାଠୀ ୯୭.୪ ପ୍ରତିଶତ ନମ୍ବର ରଖିବା ସହିତ ବିଦ୍ୟାଳୟର ଟପ୍ପର ହୋଇଛନ୍ତି ।

# ଲମତାପୁଟ ଓଏଭିର ଛାୟାଦେବୀ ପ୍ରଥମ



ଲମତାପୁଟ ୧୬।୪ (ସମିସ): କୋରାପୁଟ ଜିଲ୍ଲା ଲମତାପୁଟ ବ୍ଲକର ମେସିଙ୍ଗପୁଟ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଦଶମ ଶ୍ରେଣୀ ପରୀକ୍ଷାରେ ଛାୟା ଦେବୀ ବାହାଦୁର ମୋଟ ୫୦୦ ରୁ ୪୪୩ ନମ୍ବର (୮୮.୬୦) ପ୍ରତିଶତ ରଖି ପ୍ରଥମ, ରୋହିତ ଖେମୁଣ୍ଡୁ, ୮୭.୪୦ ପ୍ରତିଶତ ରଖି ଦ୍ୱିତୀୟ ଓ ବିକ୍ରମ ଦେବ ପାଙ୍ଗି ୮୭ ପ୍ରତିଶତ ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ବିଦ୍ୟାଳୟରେ ମୋଟ ୬୪ ଜଣ ପରୀକ୍ଷା ଦେଇଥିଲେ । ସେଥିମଧ୍ୟରୁ ୬୩ ଜଣ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ଜଣେ କମ୍ପାର୍ଟମେଣ୍ଟ ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ବିଦ୍ୟାଳୟର ଅଧକ୍ଷ ସାଗର କୁମାର ବେହେରା ଓ ଜିଲ୍ଲା ପରିଷଦ ପୂର୍ଣ୍ଣଚନ୍ଦ୍ର ପାଙ୍ଗି ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ନିମନ୍ତେ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

# ବେକରେ ଗାମୁଛା ବାନ୍ଧି ଯୁବକଙ୍କ ଆତ୍ମହତ୍ୟା

ଡାବୁଗାଁ, ୧୬।୪(ସମିସ): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ଥାନା ଅଧୀନ ନନ୍ଦପୁରା ଗ୍ରାମରେ ଜଣେ ଯୁବକ ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଥିବା ନେଇ ଗୁରୁବାର ଡାବୁଗାଁ ଥାନାରେ ଅଭିଯୋଗ ହୋଇଛି । ଡାବୁଗାଁ ଥାନା ଅଧୀନ ଡୁରୁକିଗୁଡା ଗ୍ରାମର ଚଇତୁ ଭତ୍ରା (୨୩) ଗୁରୁବାର ସକାଳୁ ନିଜ ଘରୁ ବାହାରି ଆସିଥିଲେ । ଗ୍ରାମ ନିକଟ ନନ୍ଦପୁରା ଗ୍ରାମର ହାଟପଦା ଠାରେ ଥିବା ଏକ ଆମ୍ବ ଗଛରେ ବେକରେ ଗାମୁଛା ବାନ୍ଧି ଆନହତ୍ୟା କରିଥିଲେ । ଏନେଇ ମୃତକର ଭାଇ ଧନର ଭତ୍ରା ଡାବୁଗାଁ ଥାନାରେ ଏତଲା ଦେଇଥିଲେ । ଉକ୍ତ ଏତଲାକୁ ଭିତ୍ତି କରି ଥାନାର ସିଂସାରୀ ଫାଣ୍ଡି ଅଧିକାରୀ ଦୁର୍ଗାପ୍ରସାଦ ବ୍ରହ୍ମା ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ପରେ ପଞ୍ଚନାମା କରି ବ୍ୟବଚ୍ଛେଦ ପାଇଁ ଉମରକୋଟ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ । ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକ ଙ୍କୁ ହସ୍ତାନ୍ତର କରାଯାଇଥିଲା ।

# କକଡାଗୁଡ଼ାରେ ଗଣ୍ଡଗୋଳ, ଜଣେ ଗୁରୁତର

ଡାବୁଗାଁ, ୧୬।୪ (ସମିସ): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ଅଞ୍ଚଳା ପଞ୍ଚାୟତ ଅଧିନ କକଡାଗୁଡା ଗ୍ରାମରେ ଦୁଇ ଦିନ ହେବ ଠାକୁରାଣୀ ଯାତ୍ରା ଚାଲିଥିଲା । ବୁଧବାର ରାତିରେ ଚିଚିବାଇ ଗ୍ରାମର ଡମ୍ବୁ ଜାନି (୩୫) ତାର ସାଙ୍ଗ ମାନଙ୍କ ସହ ଯାତ୍ରା ଦେଖୁବାକୁ ଆସିଥିଲେ । ଯାତ୍ରା ଦେଖି ଗୁରୁବାର ସକାଳ ପ୍ରାୟ ୫ ଟା ସମୟରେ ନିଜ ଗ୍ରାମକୁ ଫେରୁଥିବା ବେଳେ କକଡାଗୁଡା ଗ୍ରାମର ପ୍ରଫୁଲ୍ଲ ଗୌଡ଼ (୧୬) ଆସି ପାଟିତୁଣ୍ଡ କରିଥିଲା । ଏହି ସମୟରେ ହଠାତ ପ୍ରଫୁଲ୍ଲ ଗୌଡ଼ ଏକ ଫାର୍ସା ସହିତ ଡମ୍ବୁ ଜାନିକୁ ଆକ୍ରମଣ କରି ରକ୍ତାକ୍ତ କରିଥିଲା । ଏହାପରେ ସେହି ସ୍ଥାନରେ ଥିବା ଡମ୍ବୁର ସାଙ୍ଗ ମାନେ ଏବଂ ଚଚରାଗୁଡା ଗ୍ରାମର କିଛି ଯୁବକ ତାଙ୍କୁ ଡାବୁଗାଁ ମେଡିକାଲ କୁ ଆଣିଥିଲେ । ଡମ୍ବୁ ଜାନି ର ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଉନ୍ନତ ଚିକିତ୍ସା ନିମନ୍ତେ କୋରାପୁଟ ସହିଦ ଲକ୍ଷ୍ମଣ ନାଏକ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା । ବର୍ତ୍ତମାନ ସେଠାରେ ଡମ୍ବୁ ଜାନୀ ଚିକିତ୍ସିତ ଅଛନ୍ତି । ଏନେଇ ଆହତଙ୍କ ଭାଇ ମନବୋଧ ଜାନୀ ଡାବୁଗାଁ ଥାନାରେ ଏତଲା ଦେଇଥିଲେ । ଉକ୍ତ ଏତଲାକୁ ଭିତ୍ତି କରି ଥାନା କେସ ନଂ ୭୮/୨୬ ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ କରୁଛି । ଏ ସଂକ୍ରାନ୍ତରେ କାକଡଗୁଡା ଗ୍ରାମର ୨ ଜଣ ଯୁବକଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଥିବା ଆଇଆଇସି ରଘୁନାଥ ମାଝି ସୂଚନା ଦେଇଛନ୍ତି ।

# ଉତ୍କଳ ଆଲୁମିନା ପକ୍ଷରୁ ୮ ଜଳଛତ୍ର ଉଦ୍‌ଘାଟନ




ଟିକିରି,୧୬।୪(ସମିସ): ରାୟଗଡ଼ା ଜିଲ୍ଲାର କାଶିପୁର ବ୍ଲକ କୋଡିପାରି ପଞ୍ଚାୟତ ଅନ୍ତର୍ଗତ ଲୋଡିଗୁଡା ଛକ ବସଷ୍ଟାଣ୍ଡ ଠାରେ ଉତ୍କଳ ଆଲୁମିନା ଖଣି ସିଏସଆର ତରଫରୁ ଜଳଛତ୍ର ଉଦ୍‌ଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଆଣ୍ଡିରାକଞ୍ଚ ଥାନା ସବ୍ ଇନ୍ସପେକ୍ଟର ଅରୁଣ କୁମାର ପାତ୍ର ଯୋଗ ଦେଇ ଉଦ୍‌ଘାଟନ କରିଥିଲେ । ଲୋଡିଗୁଡା, କୋଡିପାରୀ, ହାତିଖମନ୍, ଯୋଗୀପାରିତୁଣ୍ଡା, ଆଣ୍ଡିରାକଞ୍ଚ, ପାଇକକୁପାଖାଲ୍, ମାଲିଗାଓଁ, ଏବଂ ଚନ୍ଦ୍ରଗିରିର ଗ୍ରାମବାସୀଙ୍କୁ ଏହି ଅଧୀନରେ ରଖାଯାଇଛି । କାର୍ଯ୍ୟକ୍ରମରେ ମନୋଜ ଦାଶ, ବିନୋଦ ପୂଜାରୀ, ସଞ୍ଜୀବ କୁମାର, ଅରବିନ୍ଦ ସାହୁଙ୍କ ସମେତ ଆଖପାଖ ଅଞ୍ଚଳର ଅନେକ ଗ୍ରାମବାସୀ ଉପସ୍ଥିତ ଥିଲେ । ଶ୍ରୀ ପାତ୍ର ଉତ୍କଳ ଆଲୁମିନାର ସିଏସଆର ପଦକ୍ଷେପ ଅଧୀନରେ ବାଫଲିମାଲି ମାଇନ୍ସ ଦ୍ୱାରା ପ୍ରତିଷ୍ଠିତ ଜଳଛତ୍ର ପଦକ୍ଷେପକୁ ପ୍ରଶଂସା କରିଥିଲେ ।

● ପୁଣି ଡକାୟତି ଗ୍ୟାଙ୍ଗ ପୁଣି ସକ୍ରିୟ

# ଦୁଇ ବାଇକ୍ ଚୋରି, ଦୋକାନରେ ବୁଲାଇଲେ କଳାକନା

ନନ୍ଦପୁର,୧୬।୪ (ସମିସ): ଗତ କିଛିଦିନ ପୂର୍ବେ ନନ୍ଦପୁର ଉପଖଣ୍ଡ ଅଧୀନସ୍ଥ ସୁବାଇ ଓ ପାଡୁଆ ଅଞ୍ଚଳରେ ଦୁଇଟି ବୋଲେରୋ ୫ଟି ବାଇକ୍ ଚୋରି ଘଟଣାରେ ପୋଲିସର ମୁଣ୍ଡ ବ୍ୟଥାର କାରଣ ପାଲଟି ଥିବା ବେଳେ ଗତକାଲି ବୁଧବାର ଡକାୟତି ଗ୍ୟାଙ୍ଗ ପୁଣି ସକ୍ରିୟ ହୋଇଛନ୍ତି । ବୁଧବାର ମଧ୍ୟ ରାତ୍ରରେ ଥ ପୁଣି ଦୁଇଟି ବାଇକ୍ ଓ ସାତସେମିଲି ଗ୍ରାମର ଗୋଟିଏ ଦୋକାନରେ କଳାକନା ବୁଲାଇଛନ୍ତି । ସୂଚନା ଅନୁସାରେ ଥିବା ଗ୍ରାମର ଏସ କେ ସଲିମଙ୍କ ହିରୋ ସ୍ପେଲଣ୍ଡର ଓଡି ୧୦ ୱାଇ ୧୭୭୫ ଓ ସେହି ଗ୍ରାମର ଶେଖ୍ ନୁରଙ୍କ ଘରେ ରଖିଥିବା ଜଣେ ଡ୍ରାଇଭରଙ୍କ ଗାଡି ଓଡ଼ି ୧୦ ଏସି ୧୧୩୨ ଏହି ଦୁଇଟି ଗାଡ଼ି ଚୋରି ହୋଇଛି । ଯାହାର ସିସିଟିଭି ଫୁଟେଜ ଆଧାରରେ ପୋଲିସ୍ ତନାଘନା ଆରମ୍ଭ କରିଛି । ତେବେ ଏ ଡକାୟତି ଦଳ ଏହି ଚୋରି ସମୟରେ ଏକ ଅଲ୍ଟୋ ଗାଡ଼ିରେ ଆସିଥିବା ଦୃଶ୍ୟ ସାମ୍ନାକୁ ଆସିଛି । ସିସିଟିଭି ଫୁଟେଜ ରେ ଚୋରିରେ ବ୍ୟବହୃତ ଅଲ୍ଟୋ ଗାଡି ଦିଶୁଥିଲେ ମଧ୍ୟ ଗାଡ଼ିର ନମ୍ବର୍ ପ୍ଲେଟ ପରିଷ୍କାର ଦେଖାଯାଉଥିବାରୁ ପୋଲିସ ତଦନ୍ତରେ ବିଳମ୍ବ ହେବାରେ ଲାଗିଛି । ତଥାପି ପୋଲିସ ଆଖପାଖ ଅଞ୍ଚଳରେ ଲାଗିଥିବା ଅନ୍ୟ ସିସିଟିଭି ଯାଞ୍ଚ ଆରମ୍ଭ କରିଛନ୍ତି । ଖାଲି ଏତିକି ନୁହେଁ ସାତସେମିଲି ଗ୍ରାମର ଲମ୍ବୋଦର ହନ୍ତଳଙ୍କ ଦୋକାନ ଘରେ ପଶି କେହି ଦୁର୍ବୃତ୍ତ କଳାକନା ବୁଲାଇ ଥିବା ସୂଚନା ରହିଛି । ତେବେ ଏହି ପରି ଘଟଣାକୁ ନେଇ ସମଗ୍ର ଅଞ୍ଚଳ ବାସୀ ଭୟଭୀତ ଓ ଆତଙ୍କିତ ଅବସ୍ଥାରେ ଅଛନ୍ତି । ନିଜ ଘର ଅଗଣାରେ ରଖୁଥିବା ଯାନବାହନ ସୁରକ୍ଷିତ ମଣୁନାହାନ୍ତି । ସେପଟେ ଉଭୟ ନନ୍ଦପୁର ଓ ପାଡୁଆ ଅଞ୍ଚଳରେ ବଢୁଥିବା ଚୋରି ଘଟଣା ପୋଲିସର ଚିନ୍ତା ବଢ଼ାଇ ଦେଇଛି ।

# ଗାଁକୁ ନିଶାମୁକ୍ତ ପାଇଁ ଅଣ୍ଟା ଭିଡ଼ିଲେ ମହିଳା ଗୋଷ୍ଠୀ



କୁନ୍ଦୁରା, ୧୬।୪ (ସମିସ): ଗାଁକୁ ନିଶାମୁକ୍ତ କରିବା ପାଇଁ ବାଧ୍ୟ ହୋଇ ନିଜେ ଅଣ୍ଟା ଭିଡିଲେ ମହିଳା । ପ୍ରଥମେ ଗାଁ ମହିଳା ମାନେ ମଦ ବିରୁଦ୍ଧରେ ପ୍ରଶାସନ ନିକଟରେ ଫେରାଦ ହେଲେ । କିନ୍ତୁ କୌଣସି ସୁଫଳ ନ ମିଳିବାରୁ ଭାଟି ଭାଙ୍ଗି ଦେଶୀ ମଦକୁ ନଷ୍ଟ କଲେ ଏବଂ ମଦ ଡ୍ରମ ଜାଳିଦେଲେ । ମହିଳାଙ୍କ ଏଭଳି ଆକ୍ରୋଶ ଦେଖିବାକୁ ମିଳିଛି କୁନ୍ଦୁରା ବ୍ଲକ ଅନ୍ତର୍ଗତ ବଣ୍ଡୁଆଗୁଡା ଫଚାୟତର ବିଭିନ୍ନ ସ୍ଥାନରେ । ପଞ୍ଚାୟତର ଗୋରା ହାଣ୍ଡି, ଡୁରୁକାଗୁଡ଼ା ,ପୂଜାରୀଗୁଡ଼ା , ପୁରୀସାହି, ବୁଟୁଗୁଡ଼ା ଓ ଚିକିମିଆଗୁଡ଼ା ଆଦି ଗାଁରେ ଦୀର୍ଘ ବର୍ଷ ହେବ ବେଆଇନ ଭାବେ ମଦ କୋଠି ଖୋଲି ଗାଁ ପରିବେଶକୁ ନଷ୍ଟ କରୁଥିଲେ କିଛି ମଦ ବ୍ୟବସାୟୀ । ମଦ ପିଇ ଗାଁର ଯୁବକ, ଖଟିଖିଆ ପଥଭ୍ରଷ୍ଟ ହେବା ସହ ଘରେ ଘରେ ଅଶାନ୍ତିର ବାତାବାରଣ ସୃଷ୍ଟି ହେଉଥିଲା । ତେଣୁ ଗାଁରୁ ନିଶାଦ୍ରବ୍ୟ ହଟାଇବାକୁ ମହିଳା ଏକଜୁଟ ହୋଇ ପ୍ରଥମେ ଗାଁ ରେ ବୈଠକ କଲେ । ପରେ କୁନ୍ଦୁରା ଥାନା ଦ୍ୱାରସ୍ଥ ହେଲେ । କିନ୍ତୁ କୌଣସି ସୁଫଳ ମିଳିଲା ନାହିଁ । ପୁଣି ଅବକାରୀ ବିଭାଗ ଏବଂ ଉପଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ଆଶା ଜନକ ସହଯୋଗ ମିଳିଲା ନାହିଁ । ଏଣୁ ବାଧ୍ୟ ହୋଇ ମହିଳା ମାନେ ମଦ ଭାଟି ଭାଙ୍ଗି ନଷ୍ଟ କରିବା ପାଇଁ ନିଷ୍ପତି ନେଲେ । ସ୍ଥାନୀୟ ବାଣୁଆଗୁଡ଼ା ସରପଞ୍ଚ ଦୂତୀ ଭୂମିଆଙ୍କ ନେତୃତ୍ୱରେ ଗାଁ ରୁ ୫୦ରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ବାହାରି ମଦ ଭାଟି ଭାଙ୍ଗିଛନ୍ତି ଓ ମଦ ରାନ୍ଧିବାକୁ ପ୍ରସ୍ତୁତ ଥିବା ୧୩ଟି ପ୍ଲାଷ୍ଟିକ ପୋଚ ଡ୍ରମରୁ ପ୍ରାୟ ୬୫୦ ଲିଟର ପୋଚ ନଷ୍ଟ କରିଛନ୍ତି । ଡ୍ରମ ଗୁଡ଼ିକ ପୋଡି ଦେଇଛନ୍ତି । ଗାଁ ମହିଳାଙ୍କ ଅଭିଯୋଗ ପରେ ବି ପ୍ରଶାସନ କୌଣସି ପଦକ୍ଷେପ ନ ନେବା ଘଟଣା ଅବକାରୀ ବିଭାଗ ପୋଲିସର ପରିବା ପଣିଆ ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରୁଛି ।

# ପଞ୍ଚାୟତ କାର୍ଯ୍ୟାଳୟରେ ଲାଗିଲା ନାମଫଳକ




ବିଷମ କଟକ,୧୬।୪(ସମିସ): ରାୟଗଡା ଜିଲ୍ଲା ବିଷମ କଟକ ପଞ୍ଚାୟତ ସମିତି ଅନ୍ତର୍ଗତ ବେଥିଆପଡା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ବର୍ଷ ବର୍ଷ ଧରି ନାମଫଳକ ଲାଗି ନଥିଲା । ମାସର ଅଧିକାଂଶ ସମୟ ଏହି ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ଝୁଲୁଥିଲା । ଏଭଳି ଅବ୍ୟବସ୍ଥାକୁ ନେଇ 'ସକାଳ' ଖବରକାଗଜରେ ଖବର ପ୍ରକାଶିତ ହେବା ପରେ ବ୍ଲକ ପ୍ରଶାସନ ତତ୍‌ପରତା ଦେଖାଇ ପଞ୍ଚାୟତ କାର୍ଯ୍ୟାଳୟରେ ନାମଫଳକ ଲେଖିବା ସହ ଓ ଦୁର୍ଗମ ଇଲାକା ଲୋକଙ୍କ ନିମନ୍ତେ ପଞ୍ଚାୟତର ସମସ୍ତ ପ୍ରକାର ସୁବିଧାର ବ୍ୟବସ୍ଥା କରାଯାଇଥିବା ଅଞ୍ଚଳବାସୀଙ୍କ ତରଫରୁ ସୂଚନା ମିଳିଛି ।

